ସକାଳ
THE SAKALA



## ଭୀମଭୋଇ ମେଡିକାଲରେ ଚିକିତ୍ସା ଅବହେଳା ଅଭିଯୋଗ

# ଡାକ୍ତରଙ୍କ ମନମାନିରୁ ମୃତ ଶିଶୁ ଜନ୍ମ

ବଲାଙ୍ଗିର, ୧୨।୨(ସମିସ)

କିଛି ଦିନର ପରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ନାଁ ରେ ପୁଣି ଆସିଛି ଅଭିଯୋଗ। ସୁଧୁରିନି ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ଅବହେଳା। ଡାକ୍ତରଙ୍କ ଅବହେଳା ପାଇଁ ଏକ ମୃତ ଶିଶୁ ପ୍ରସବ ହୋଇଛି। ପରିବାର ଲୋକେ ଅସ୍ତ୍ରୋପଚାର କରିବାକୁ ବାରମ୍ବାର ନିବେଦନ କରିଥିଲେ ଡାକ୍ତର ଅବହେଳା କରିଥିବାରୁ ଏଭଳି ଅଘଟଣା ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ ବଲାଙ୍ଗିର ସହର ସାଲେପାଲିର ସୁବାଷ ଶର୍ମା ଗତ ୧୦ ତାରିଖ ଦିନ ତାଙ୍କର ଗର୍ଭବତୀ ସ୍ତ୍ରୀ ସରୋଜିନୀ ବାଗଙ୍କୁ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରିବାର ଲୋକଙ୍କ କହିବା ଅନୁସାରେ ଗତ ୧୧ ତାରିଖ ଅର୍ଥାତ ମଙ୍ଗଳବାର ଦିନ ସରୋଜିନୀଙ୍କ ପ୍ରସବ ବେଦନା ହୋଇଥିଲା। ପରିବାର ଲୋକେ ଡାକ୍ତରମାନଙ୍କୁ ଅସ୍ତ୍ରୋପଚାର କରି ପ୍ରସବ କରିବାକୁ କହିଥିଲେ। କିନ୍ତୁ ଡାକ୍ତରମାନେ ଏହା ସାଧାରଣ ପ୍ରସବ(ନର୍ମାଲ ଡେଲିଭରୀ) ହେବ ବୋଲି କହିଥିଲେ। ଏହାପରେ ମଙ୍ଗଳବାର ରାତିସାରା ପ୍ରସବ ବେଦନାରେ ଛଟପଟ ହେଲାପରେ ବି ତାଙ୍କର ଚିକିତ୍ସା କରାନଯିବାରୁ



ଶେଷରେ ମୃତ ଶିଶୁପୁତ୍ର ଜନ୍ମ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଡାକ୍ତରଙ୍କ ଅବହେଳା ପାଇଁ ସେମାନେ ମୃତ ଶିଶୁ ପାଇଥିବା ଅଭିଯୋଗ କରିଥିଲେ। ଏପରିକି କିଛି ସମୟ ପାଇଁ ଡାକ୍ତରଖାନାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ ଓ ମେଡିକାଲ ଅଧିକ୍ଷୀକା ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ପରିବାର ଲୋକେ ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଥିବା ମେଡିକାଲ ଅଧିକ୍ଷୀକା ଡ.ମାନସୀ ପଣ୍ଡାଙ୍କୁ ପଚାରିବାରୁ ଜଣାପଡ଼ିଛି। ତାଙ୍କର ପ୍ରତିକ୍ରିୟା ନେବାରୁ ସେ କହିଥିଲେ ଯେ ଘଟଣାର ତଦନ୍ତ କରିବା ପାଇଁ ଏକ ଟିମ ଗଠନ କରାଯାଇଛି ଏବଂ ତଦନ୍ତ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ପରିବାର ଲୋକେ ପ୍ରଥମେ ନର୍ମାଲ ଡିଲେଭରୀ କରିବାକୁ ଡାକ୍ତରଙ୍କୁ କହିବାରୁ ଅସ୍ତ୍ରୋପଚାର କରାଯାଇନଥିଲା ବୋଲି ଡ.ମାନସୀ ପଣ୍ଡା କହିଥିଲେ।ଏହି ଘଟଣା ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ନାଁ ରେ ପୁଣିଥରେ ବିବାଦ ଯୋଡିଛି। ଡାକ୍ତରମାନେ ଯଦି ଏଭଳି ଅବହେଳା କରିବେ ତେବେ ରୋଗୀଙ୍କ ଚିକିତ୍ସା କିଏ କରିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ■ ଛି ଛି ଛି ରେ ନନୀ ଛି ....

# ମ୍ୟୁନିସିପାଲିଟିର ମେଲା ଲାଟ୍ରିନ୍

**ବଲାଙ୍ଗିର, ୧୨।୨(ସମିସ):** ପୁରାନା ଜମାନାର୍ ଗୀତ୍ ଛି ଛି ଛି ରେ ନନୀ ଛି..ଇହାଦେ ବନେ ଭାଇରାଲ୍। ଖାଲି ପବ୍ଲିକ୍ ନେଇଁ, ଅଭିନେତା ନୁ ନେଇକରି ନେତା, ଅଫିସର୍ ସବକର୍ ଟୁଣ୍ଡୁଁ ଇ ଗୀତ୍ ସୁନବାର୍ କେ ମିଲୁଛେ। ହେଲେ ସେତେବେଲେ ଇ କଥା ସୁନିକରି ଚମକି ପଡନୁ, ମ୍ୟୁନିସିପାଲଟିର୍ ଉପର ମହଲା କେ ଯିବାର୍ ଲାଗି ଯିଏବି ସିଡି ଚଢୁଛେ ଇ ଗୀତ୍ ଟା ଗାଉଛେ ବଲି। ଅସଲ କଥାଟା ଜାନବାର୍ କେ ମୁନସିପାଲ୍ଟି ଅଫିସ୍ର ସିଡି ଚଢବାର୍ ଲାଗି ଆମେବି ଗନୁ। ମାଏକି..ପହେଲା ପାଉଁଚ୍ ମାଡୁନ୍ ସାଏର୍ ଯେନ୍ ଗନ୍ଧା ଗନ୍ଧଲା। ସତକେ ସତ୍, ଯିଏ ହେଲେ ବି କହେବା, ଛି ଛି ଛି ରେ ମୁନିସିପାଲଟି ଛି। ନାକ୍ ଛାପକି କରି ଗଲାକେ ଦିଶଲା ଯେ ଉପରେ ଥିବାର୍ ଗୁଟେ ଲେଟ୍ରିନ୍ ଘରୁ ଇ ଗନ୍ଧ ଟା ବାହାରୁଛେ। ଭଙ୍ଗା କବାଟ୍ ଲାଗିଛେ।ଭିତର୍ କେ ସବୁ ଦିଶୁଛେ। କେତେ ଦିନ୍ ହେଲା ଲେଟ୍ରିନ ସଫା ନେଇ ହେବାର୍ ଯେ କିଏ ଯାନେ। ବଡା ଚକିତ୍ ଲାଗଲା ଉପର୍ ମହଲା ଥି ନିଜେ ଭାଇସ ଚେୟାରମ୍ୟାନ୍ ମେଡମ୍ ବଏସନ୍। ଉପରେ ଗୁଟେ ମିଟିଂ ହଲ ଅଛେ ଯେନ ଫି ଦିନ୍ ମିଟିଂମାନେ ହେସି ବଏଲେ ଚଲେ। ହେଲେ ମିଟିଂ ହଲ୍ ଭିତର୍ କେ ଗଲା ବେଲେ ଚେୟାରମେନ ମେଡମ୍, ଇଓ ଆଜ୍ଞା, ୨୧ ଜଣ୍ କାଉନସିଲର୍ ଆର୍ ଅଲଗା ଅଫିସର୍ମାନଙ୍କୁ ଇ ଗନ୍ଧ ବାସୁଛେ କି ନେଇଁ କି ସେମାନେ ବି ଆମର୍ ଭଲିଆ ନାକ୍ ଛାପକି କରି ଯିବାର୍ ଆସବାର୍ କରବାର୍ ବଏସରା କରିଦେଲେ ନ ଇଟା ହୁରଗୁନି ହେଉଛୁଁ।



# ସ୍ଥାୟୀ ନିଯୁକ୍ତି ଦାବିରେ ଗର୍ଜିଲେ ଗାଁ ସାଥୀ



**ବଲାଙ୍ଗିର, ୧୨।୨(ସମିସ):** ଓଡ଼ିଶାର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିରୋଧି ଦଳରେ ଥିବା ସମୟରେ ଗାଁ ସାଥୀ(ମେଟ)ଙ୍କ ମାସିକ ପ୍ରୋତ୍ସାହନ ଦାବି ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିବାକୁ ବିଧାନସଭାରେ, ଗଣମାଧ୍ୟମ ଆଗରେ ଦାବି କରୁଥିଲେ। ମୁଖ୍ୟମନ୍ତ୍ରୀ ହେବାପରେ ଏବେ ସେହି ଦାବି ପୂରଣ କରିବାର ଦାୟିତ୍ୱ ତାଙ୍କର। ଗାଁ ସାଥୀ(ମେଟ) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ବୁଧବାର ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଉଥିବା ବେଳେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ଗାଁ ସାଥୀ।

ପ୍ରକାଶ ଯେ ଗାଁ ସାଥୀମାନେ ଦୀର୍ଘ ଦିନରୁ ସ୍ଥାୟୀ ନିଯୁକ୍ତି ଓ ମାସିକ ପ୍ରୋତ୍ସାହନ ରାଶି ପ୍ରାପ୍ତି ଦାବିରେ ଆନ୍ଦୋଳନ କରୁଛନ୍ତି। ବେଆଇନ ଗାଁ ସାଥୀ ମେଟଙ୍କୁ ହଟାଇବା, ବେଆଇନ ଏନଏମଏମଏସ ରଦ୍ଦ କରିବା, ମନରେଗାର ଲାଇନ ଡିପାର୍ଟମେଣ୍ଟ କାର୍ଯ୍ୟରେ ଗାଁ ସାଥୀମାନଙ୍କୁ ପ୍ରାପ୍ୟ ଦେବାକୁ ଦାବି ରହିଛି। ଗତ ନିର୍ବାଚନ ସମୟରେ ବିଜେପି ଇସ୍ତାହାରରେ ଗାଁ ସାଥୀଙ୍କ ପ୍ରସଙ୍ଗ ଉଲ୍ଲେଖ ରହିଥିଲା। ସେହିଭଳି ୨୦୧୬ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାସିକ ପ୍ରୋତ୍ସାହନର ଚିଠି ଏବଂ ଏମଓଆରଡି ବିଭାଗ ତରଫରୁ ଗାଁ ସାଥୀ ମେଟ୍‌ଙ୍କ ଦରମା ପାଇଁ ରାଜ୍ୟ ସରକାରଙ୍କୁ ଥିବା ଚିଠି ସତ୍ତ୍ୱେ ଗାଁ ସାଥୀ ମାନେ ନ୍ୟାୟ ପାଇପାରୁନାହାନ୍ତି। ବିଜେପି ରାଜ୍ୟ ସରକାର ଆସିବା ପୂର୍ବରୁ ଓ ପରେ ରାଜ୍ୟ ସଭାପତିଙ୍କ ମୌଖିକ ଚିଠି ଓ ଲିଖିତ ପ୍ରତିଶ୍ରୁତିକୁ ଆଧାର କରି ସ୍ଥାୟୀ ନିଯୁକ୍ତି ଦାବିରେ ରାଜରାସ୍ତାକୁ ଓହ୍ଲାଇଥିବା କହିଛି ଗାଁ ସାଥୀ ସଂଘ। ଏହି ସମସ୍ତ ଦାବିରେ ଗାଁ ସାଥୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୫ ଘଣ୍ଟା ଧରି ଧାରଣାରେ ବସିଥିଲେ।ରାଜ୍ୟ ସରକାର ତାଙ୍କର ପ୍ରତିଶ୍ରୁତି ପୂରଣ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ଚେତାଇ ଦେଇଛି।

# ବ୍ଲକ୍‌ସ୍ତରୀୟ 'ନିପୁଣ ଓଡ଼ିଶା'ମେଳା

**ପାଟଣାଗଡ଼, ୧୨।୨(ସମିସ):** ପାଟଣାଗଡ଼ ବ୍ଲକ ଗଙ୍ଗାସାଗର କ୍ଲଷ୍ଟରର ଗଙ୍ଗାସାଗର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି।ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣାଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର ପ୍ରସାଦ ମାଝୀ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରତନ ଧରୁଆ, ବୃନ୍ଦାବନ ବାଗ ଓ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଚାନ୍ଦ ଯୋଗଦେଇଥିଲେ। ପ୍ରଥମେ ନିପୁଣ ଓଡ଼ିଶା ସଙ୍ଗୀତ ଗାନ ସହିତ ଶପଥ ପାଠ କରାଯାଇ ଲୋଗୋ ଉନ୍ମୋଚନ କରାଯାଇଥିଲା।ଏଥିରେ ୧୭ଟି କ୍ଲଷ୍ଟରର ୮୦ରୁ ଊର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ମୌଳିକ ସାକ୍ଷରତା ଉପରେ ପର୍ଯ୍ୟବେକ୍ଷିତ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅତିଥିବୃନ୍ଦ ସମ୍ମାନିତ କରିଥିଲେ। ଦେବକାନ୍ତ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ମୁରିବାହାଲରେ ପାନୀୟ ଜଳ ସମସ୍ୟା

# ୨ ଦିନରେ ସମାଧାନ ନ ହେଲେ ବ୍ଲକ୍ ଘେରାଉ



**ମୁରିବାହାଲ, ୧୨।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ହାଟପଦାପଡ଼ାରେ ପାନୀୟ ଜଳ ଯୋଗାଣରେ ସମସ୍ୟା ଦେଖାଦେଇଛି।ଫେଲ ମାରିଛି ଏଠି ସରକାରଙ୍କ ଯୋଜନା। ଅନେକ ଦିନରୁ ଏହି ପଡ଼ାରେ ଜଳଯୋଗାଣ ବନ୍ଦ ହୋଇପଡ଼ିଥିବାରୁ ପଡ଼ାବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇ ମୁରିବାହାଲ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଇଛନ୍ତି।ପଡ଼ାବାସୀଙ୍କ କହିବା ଅନୁସାରେ ଜଳଯୋଗାଣ ହେଉଥିବା ପାଇପ୍ ଅତିନିମ୍ନମାନର ହୋଇଥିବା ହେତୁ ବାରମ୍ବାର ଅନେକ ସ୍ଥାନରେ ଫାଟି ଯାଉଛି ତଦ୍ୱାରା ଅନେକ ଜାଗାରେ ପାଣି ଲିକେଜ ହେଉଥିବାରୁ ବିଭାଗ ପକ୍ଷରୁ ଦିନଦିନ ଧରି ପାଣି ଯୋଗାଣ ବନ୍ଦ କରିଦିଆ ଯାଉଛି। ଏହି ପଡ଼ାରେ ମାତ୍ର ଗୋଟିଏ ହିଁ ନଳକୂପ ଅଛି ଯୋଉଥିରେ ସ୍ୱଚ୍ଛ ପାଣି ଆସୁନାହିଁ ତେବେ ଏହିପରି ଅବସ୍ଥାରେ ଟିକିଏ ପାନୀୟ ଜଳ ପାଇଁ ତହଳବିକଳ ହେଉଛନ୍ତି ଲୋକେ। ମୁରିବାହାଲ ବିଡ଼ିଓ ବାସନ୍ତୀ ସେଠି ଅଫିସ କାର୍ଯ୍ୟରେ ବାହାରେ ଥିବାରୁ ଅର୍ଥ ଅଧିକାରୀ ଘେନୁରାମ ତାଣ୍ଡି ଦାବିପତ୍ର ଗ୍ରହଣକରି ଆରଡବ୍ଲୁଏସଏସ ଯନ୍ତ୍ରୀ ସରୋଜ ସେଠଙ୍କୁ ଯୋଗାଯୋଗ କରିଥିଲେ ଯନ୍ତ୍ରୀ ଗୋଟିଏ ଦିନ ମଧ୍ୟ ରେ ଜଳ ଯୋଗାଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ଦାବିପତ୍ର ଦେବା ସମୟରେ ୱାର୍ଡ ମେମ୍ବର ଲକ୍ଷ୍ମୀକାନ୍ତ ଧରୁଆ, ରୁକ୍ମଣୀ ନାଗ, ସୁଭଦ୍ରା ଭୋଇ, ଗୀତା ସାହୁ, କନକ ଭୋଇ, ଗିରିସୁତା ସାହୁ, ଶୁଭା ଛୁରା, ଆରତୀ ଦୀପ, ରିତା ବେହେରା, ଗାୟତ୍ରୀ ନାଗ, ପୁଷ୍ପଲତା ଧୀର, ହୀରା ହାତୀ, ପଦ୍ମିନୀ ତାଣ୍ଡି, ଗୁଲାପି ସେଠ, କେତକୀ ଭୋଇ, ଗୁଲାପି ସୁନା, ପଦ୍ମିନୀ ବେହେରା, ସୁବିଧା ମାଝୀ, ମିଥିଳା ମାହାକୁର, ଗୋବିନ୍ଦ ସେଟ୍‌ଙ୍କ ସମେତ ବହୁ ପଡ଼ାବାସିନ୍ଦା ଉପସ୍ଥିତ ଥିଲେ।

## ■ ଚାନ୍ଦୋତରାକୁ ବ୍ଲକ୍ ମାନ୍ୟତା ଦାବି

# ମୁଖ୍ୟମନ୍ତ୍ରୀଙ୍କୁ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର ପ୍ରଦାନ



**ବଙ୍ଗୋମୁଣ୍ଡା, ୧୨।୨(ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ଚାନ୍ଦୋତରାକୁ ବ୍ଲକ ମାନ୍ୟତା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ବଲାଙ୍ଗୀର ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ୧୯୯୩ ମସିହାରୁ ଚାନ୍ଦୋତରାକୁ ବ୍ଲକ ମାନ୍ୟତା ଦାବି ହୋଇଆସୁଛି। ବ୍ଲକ ମୁଖ୍ୟାଳୟକୁ ଆସିବା ପାଇଁ ଏହି ଅଞ୍ଚଳରୁ ୩୫/୪୦ କିଲୋମିଟର ଦୂର ହେଉଥିବାରୁ ଲୋକଙ୍କପାଖକୁ ସରକାରୀ ଯୋଜନା ଠିକ ଭାବରେ ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି। ପାହାଡ଼ପର୍ବତ ଘେରା ଭିତରେ ନଦୀ ପ୍ରତିବନ୍ଧକ ଓ ତିନୋଟି ଜିଲ୍ଲାର ସୀମାରେ ବହୁତ ଅବହେଳାରେ ଅବହେଳିତ ହୋଇ ସାମାଜିକ, ସାଂସ୍କୃତିକ, ଆର୍ଥିକ ଉନ୍ନତି ପଛରେ ଚାନ୍ଦୋତରା ଅଞ୍ଚଳ ରହିଆସିଥିବା ଅଭିଯୋଗ ହେଉଛି। ବିଚ୍ଛିନ୍ନ ଅଞ୍ଚଳ ଭାବେ ଦୀର୍ଘ ବର୍ଷ ଧରି ସରକାରୀ ସୁବିଧାରୁ ବହୁ ପଛରେ ରହିଯାଇଥିବା ଏହି ଅଞ୍ଚଳର ଲୋକଙ୍କୁ ବ୍ଲକ ମୁଖ୍ୟାଳୟକୁ ଯିବା ପାଇଁ ୪୦ କିଲୋମିଟର ଦୂର ହେଉଥିବାରୁ ଏବେ ବି ଅନେକ ଲୋକ ମୁଖ୍ୟାଳୟକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଭୌଗୋଳିକ ଦୃଷ୍ଟିରୁ ଚାନ୍ଦୋତରା ମଧ୍ୟବର୍ତ୍ତୀ ସ୍ଥାନ ହୋଇଥିବାରୁ ଚାନ୍ଦୋତରାକୁ ବ୍ଲକ ଘୋଷଣା ଦାବି ହୋଇଆସୁଛି। ଦୀର୍ଘ ବର୍ଷରୁ ବ୍ଲକ ମାନ୍ୟତା ଦାବି ହୋଇଆସୁଥିବା ବେଳେ ମଙ୍ଗଳବାର ଜିଲ୍ଲାପାଳ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଚାନ୍ଦୋତରା ବ୍ଲକ କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ଚାନ୍ଦୋତରା ସରପଞ୍ଚ ଜିତେନ୍ଦ୍ର ବଛା, ସମ୍ପାଦକ ତଥା ଭୁର୍ଷାଗୁଡ଼ା ସମିତି ସଭ୍ୟ ଦ୍ରୋପଦ ବାରିକ, ସହ ସମ୍ପାଦକ ଘାସିରାମ ସାହୁ, କୋଷାଧ୍ୟକ୍ଷ ତଥା ଜାମଖୁଣ୍ଟା ସରପଞ୍ଚ ଉଦ୍ଧବ ବେହେରା, ସନ୍ତୋଷ କୁମାର ବେହେରା, ପ୍ରଦୀପ ଜାଲ, କୈଳାସ ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ମାର୍ଚ୍ଚ ୩୧ରେ ବ୍ରାହ୍ମଣ ସମାଜର ସାମୂହିକ ବ୍ରତୋପନୟନ

**ଟିଟିଲାଗଡ଼, ୧୨।୨(ସମିସ):** ଟିଟିଲାଗଡ଼ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହେଉଥିବା ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ମାର୍ଚ୍ଚ ମାସ ୩୦ ଓ ୩୧ ତାରିଖରେ ଅନୁଷ୍ଠିତ ହେବ ବୋଲି ସମାଜର ସମ୍ପାଦକ ଜଣାଇଛନ୍ତି। ବିଗତ ୨୦ ବର୍ଷ ଧରି ପ୍ରତିବର୍ଷ ଆୟୋଜିତ ହେଉଥିବା ବ୍ରତୋପନୟନ କାର୍ଯ୍ୟକ୍ରମରେ ସମସ୍ତ ବୈଦିକ ରୀତିନୀତି କର୍ମକାଣ୍ଡ ଅନୁଯାୟୀ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ବ୍ରାହ୍ମଣ ବାଳକମାନଙ୍କୁ ବ୍ରତ କରାଯାଇଥାଏ। ଟିଟିଲାଗଡ଼ ବ୍ରାହ୍ମଣ ସମାଜର ବ୍ରତୋପନୟନ କାର୍ଯ୍ୟକ୍ରମକୁ ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ନୂଆପଡ଼ା ଆଦି ଜିଲ୍ଲା ର ଏପରିକି ଛତିଶଗଡ଼ ରାଜ୍ୟରୁ ମଧ୍ୟ ଅଭିଭାବକ ମାନେ ଆସି ନିଜ ପୁଅର ବ୍ରତ କରାଇଥାନ୍ତି।ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖରେ ଚାରିକର୍ମ ଏବଂ ୩୧ ତାରିଖରେ ବ୍ରତୋପନୟନ କାର୍ଯ୍ୟ ହେବ। ଇଚ୍ଛୁକ ଅଭିଭାବକ ଆସନ୍ତା ଫେବୃୟାରୀ ୨୮ ତାରିଖ ସୁଦ୍ଧା ସମାଜର ସଭାପତି ସୁବୋଧ ଚନ୍ଦ୍ର ଦାଶଙ୍କୁ ୬୩୭୦୪୭୦୨୪୧ କିମ୍ବା ସମ୍ପାଦକ ସତ୍ୟବ୍ରତ ପଣ୍ଡାଙ୍କୁ ୯୪୩୭୨୪୫୬୭୨ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

# ଅଣ ସଂଗଠିତ ଶ୍ରମିକ ସଚେତନତା ଶିବିର



**ମୁରିବାହାଲ, ୧୨।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ମାଲିଶିରା ପଞ୍ଚାୟତରେ ଆକ୍ସନଏଡ୍ ଆସୋସିଏସନ ଓ ଜନଜାଗରଣ ଦାଦନ ସଂଘ ତରଫରୁ ଅଣସଂଘଠିତ ଶ୍ରମିକଙ୍କୁ ନେଇ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା।ଶିବିରରେ ବଲାଙ୍ଗୀର ଜିଲ୍ଲାର ଅତିରିକ୍ତ ଶ୍ରମ ଅଧିକାରୀ ରଜନୀ କାନ୍ତ ଛତ୍ରିଆ, ମୁରିବାହଲ ଏପିଓ ପ୍ରେମାନନ୍ଦ ମିଶ୍ର, ସ୍ଥାନୀୟ ମାଲିଶିରା ସରପଞ୍ଚ ଦେବରାଜ ପାତ୍ର ଓ ମାଲିଶିରା କାର୍ଯ୍ୟ ନିର୍ବାହି ଅଧିକାରୀ ଉପସ୍ଥିତ ରହି ବିଟାବନ୍ଧ, ମାଲିଶିରା, ସିରୋଲ, କନ୍ଧାଖାଲ, ମହୁଲପଡ଼ା, ଚିକିନିବହାଲି, ଖରାଲି ର ହାରାହାରି ୨୫୦ ଜଣ ଅଣ ସଂଗଠିତ ଶ୍ରମିକଙ୍କୁ ସାମାଜିକ ନିରାପତ୍ତା ଯୋଜନା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।ଶିବିରରେ ଶ୍ରମ ଅଧିକାରୀଙ୍କ ତରଫରୁ ଶିଶୁ ଶ୍ରମିକ, ମହିଳା ଚାଲାଣ, ପ୍ରବାସୀ ଶ୍ରମିକ ଉପରେ ସଚେତନା ରଥ ପରିକ୍ରମା କରିବା ସହିତ ନିର୍ମାଣ ଶ୍ରମିକରେ ଥିବା ସୁବିଧା ସୁଯୋଗର ଲିଫଲେଟ ବଣ୍ଟନ କରାଯାଇଥିଲା। ଜନଜାଗରଣ ସଂଘର ସଭାପତି ନରେନ୍ଦ୍ର ମହାରଣା ଓ ଆକ୍ସନଏଡ଼ର କର୍ମୀ ସୁଶ୍ରୀ ଜ୍ୟୋତିର୍ମୟୀ ଦହଲ, ତୃପ୍ତିମୟୀ ପ୍ରଧାନ, ଭୂପେନ୍ଦ୍ର ରଣା, ସଞ୍ଜୀବ ରଣା ସହଯୋଗ କରିଥିଲେ। ଶିବିରକୁ ମୁରଲୀ ଚରଣ ଦାସ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ନରେନ୍ଦ୍ର ମହାରଣା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଫ୍ରେଣ୍ଡସ କ୍ଲବ୍‌ର ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲ୍‌ରେ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼

**ବଲାଙ୍ଗିର, ୧୨।୨(ସମିସ):** ବଲାଙ୍ଗିର ସୁପରିଚିତ ଅନୁଷ୍ଠାନ ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ପ୍ରଥମ ସେମିଫାଇନାଲ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସହର ସ୍ଥିତ ପୃଥୀରାଜ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ସମ୍ମାନିତ ଅତିଥିଭାବରେ ବ୍ଲକ ଅଧିକାରୀ ହୃଷିକେଶ ଗଣ୍ଡ, ଜିଲ୍ଲା କ୍ରୀଡ଼ାଅଧିକାରୀ ପରାସର ବାଗ, ପୃଥିରାଜ ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠି, ଆଦିବାସୀ ନେତା ସତ୍ୟ ନାରାୟଣ ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁଲାପ ବାଗ ସମେତ ସମ୍ପାଦକ ଜଗନ୍ନାଥ ମିଶ୍ର ଓ ରଞ୍ଜିତ ବେହେରା ମଞ୍ଚାସିନ ଥିଲେ।ଅତିଥିମାନଙ୍କୁ ଅନୁଷ୍ଠାନରେ କର୍ମକର୍ତ୍ତା ସମ୍ମାନିତ କରିଥିଲେ।ଅନୁଷ୍ଠାନର କୋଡିନେଟର ମନୋଜ କୁମାର ମିଶ୍ର ଓ ମଧୁ ବନଛୋର ଟିମ୍‌ମାନଙ୍କୁ କୋଡିନେଟ କରିଥିଲେ। ପ୍ରଥମ ସେମିଫାଇନାଲ ଖେଳରେ ପୂର୍ବତନ ଫୁଟବଲ ଖେଳାଳି ଉପେନ୍ଦ୍ର ବିଶ୍ୱାଳ ଓ ଶ୍ରୀକାନ୍ତ ରାଉତଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ମ୍ୟାଚ୍ କମିଶନର ଭାବରେ ଶରତ କୁମାର ନନ୍ଦ ଦାୟିତ୍ୱ ତୁଲାଇଥିବା ବେଳେ ସଞ୍ଜନ କୁମାର କୁଦାଇ, ସୁଦର୍ଶନ ସେଠ୍, ରାଜେନ୍ଦ୍ର କୁମାର ଧରୁଆ, ଦେବାଶିଷ ବାଗ ଓ ଜ୍ୟୋତି ମହାନନ୍ଦ ଖେଳକୁ ପରିଚଳନା କରିଥିଲେ। ଆଜି କଦଳିପାଲି ବରଗଡ଼ ଓ ଦୋସ୍ତିବ୍ରଦର୍ସ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା, କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ପରେ ଦୋସ୍ତିବ୍ରଦର୍ସ ସୁନ୍ଦରଗଡ଼ ପାଞ୍ଚ ଚାରି ଗୋଲରେ ଟାଇବ୍ରେକର ଜରିଆରେ କଦଳୀପାଲି ବରଗଡ଼ ଠାରୁ ବିଜୟ ହାସଲ କରି ଫାଇନାଲକୁ ଉନ୍ନୀତ ହୋଇଛି। ଆଜିକାର ଭାଗ୍ୟଶାଳି ଦର୍ଶକ ସୁଦାମ ସାହୁ ନିର୍ବଚନ ଲଟେରୀ କୂପନ ଦ୍ୱାରା ଏକ ଡାଇନିଂ ସେଟ ପୁରସ୍କାର ପାଇଥିଲେ। ଶ୍ରେଷ୍ଠ ଭଲଣ୍ଟୀୟର ବାସୁ ବର୍ଗତି ଓ ଦିଲୀପ ସାଣ୍ଡଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପବିତ୍ର ଖୁଣ୍ଟିଆ, ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର ପାତ୍ର, ଟିଙ୍କୁ ପରିଚ୍ଛା, ମନୋଜ ଦୀପ, ପ୍ରଦୀପ ସିଂହ, କିଶୋର ଦଣ୍ଡସେନା, ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ସୋମନାଥ ମିଶ୍ର, ଗୋବିନ୍ଦ ଶତପଥୀ, କମ୍ଭୁ ତ୍ରିପାଠୀ, ସୋନୁ ପଟ୍ଟନାୟକ, ମୁନା ପାଳ, ନିତ୍ୟା ପଧାନ, ରମା ମିଶ୍ର, ଇନ୍ଦ୍ର ନନ୍ଦ, ପୃଥୀରାଜ ବରାଡ, ନିଶାର କାନ୍ତ ନାଗ, ରାଜୁ ସାହୁ, ପ୍ରଦୀପ ସାହୁ, ସନତ ତ୍ରିପାଠୀ, ମଣ୍ଟୁ ମିଶ୍ର, ପିଣ୍ଟୁ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତାକାଲି (ଗୁରୁବାର) ଜଗୟୁନାଇଟେଟ କ୍ଲବ୍ ଭୁବନେଶ୍ୱର ବନାମ ବିଏନଏଏ ଜରାସିଂହା ବଲାଙ୍ଗିର ମଧ୍ୟରେ ଖେଳ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ଲୋକ ଚିହ୍ନି ଘର ଭାଙ୍ଗୁଛି ପ୍ରଶାସନ

# ଗୋଟେ ଘରେ ତିନିଟା ଛକି ଚିହ୍ନ

ତୁଷୁରା, ୧୨।୨(ସମିସ)

ବଲାଙ୍ଗୀର ଜିଲ୍ଲା ତୁଷୁରା ସହର ଭିତର ମୁଖ୍ୟ ଜବରଦଖଲକୁ ଛାଡି ଦେଇ ଗଳିକନ୍ଧିରେ ଥିବା ରାସ୍ତା ଜବରଦଖଲକୁ ଉଚ୍ଛେଦ କରୁଛି। ପ୍ରତି ଦିନ ସହରର ମୁଖ୍ୟରାସ୍ତା ଉପରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। କିନ୍ତୁ ଥରେ ମାପ କଲେ ପୂର୍ବରୁ ମାରିଥିବା ଛକି ବଦଳି ଯାଉଛି। ବଡ଼ବଡ଼ିଆ ଲୋକ ସହରର ଚାରି ପଟରେ ଥିବା ସରକାରୀ ଜମିକୁ ଜବରଦଖଲ କରି ବଡ ବଡ କୋଠା କରି ବ୍ୟବସାୟ କରୁଛନ୍ତି। ଏହିସବୁ ସ୍ଥାନରେ ହାତ ମାରିବାକୁ ତୁଷୁରା ତହସିଲ ପ୍ରଶାସନ ପଛ ଘୁଞ୍ଚା ଦେଉଥିବା ଘର ହରାଇଥିବା ଲୋକେ ଅଭିଯୋଗ କରୁଛନ୍ତି। ଯାହାଫଳରେ ଜବରଦଖଲ ଉଚ୍ଛେଦରେ ତୁଷୁରା ତହସିଲ ଓ ଏନ୍ଏସି କିଭଳି ପାତରଅନ୍ତର କରୁଛନ୍ତି ବାରି ହେଉଛି।ତୁଷୁରାରେ ଜବରଦଖଲ ଉଚ୍ଛେଦ ପାଇଁ ଦୀର୍ଘ ଦିନ ହେଲା ଛକି ମରାଚାଲିଛି। କିନ୍ତୁ ଥରେ ନୁହେଁ ଦୁଇଥର ନୁହେଁ ତିନି ଚାରି ଥର ହେଲା ଚିହ୍ନଟ କରାହେଲାଣି ହେଲେ ସବୁ ସମୟରେ ଅଲଗା ଅଲଗା ମାପ ଆସୁଛି। ପ୍ରଶାସନ ପାଖରେ ଠିକ ନକ୍ସା ଥାଇ ମଧ୍ୟ କାହିଁକି ଏମିତି କରୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି






ନୂତନ ନକ୍ସାରେ ଉଚ୍ଛେଦ ହେବାରୁ ଅସନ୍ତୋଷ

ହୋଇଛି। ଗତ ରବିବାର ଦିନ ତୁଷୁରା ତହସିଲଦାର ତଥା ନଏସିଇଓ ଆର୍ତ୍ତତ୍ରାଣ ଥାଟି ପୁଲିସର ସହଯୋଗରେ ତୁଷୁରାର ଖର୍ଡା ରାସ୍ତା କଡରେ ଥିବା ଜବରଦଖଲ କରିଥିବା ଜମି ଚିହ୍ନଟ କରି ଉଚ୍ଛେଦ କରିଥିଲେ। କିନ୍ତୁ ନୂତନ ନକ୍ସା ଭାବରେ ଜବରଦଖଲ ଉଚ୍ଛେଦ କରୁଥିବାରୁ ଧନୀ ଲୋକଙ୍କ ବେଶି କ୍ଷତି ହେଉନଥିବା ବେଳେ ଗରିବ ଲୋକ କ୍ଷତିଗ୍ରସ୍ତ ହୋଇ ବାସହୀନ ହୋଇଯାଇଛନ୍ତି।ଅପରପକ୍ଷରେ ତୁଷୁରାର ଶିକ୍ଷିତ ବୟସ୍କ ଲୋକେ କହୁଛନ୍ତି ୧୯୩୬ ଏବଂ ୧୯୭୨ ମସିହାରେ ଯେଉଁ ଜବରଦଖଲ ଉଚ୍ଛେଦ କରିବା ପାଇଁ ନକ୍ସା ତିଆରି ହୋଇଥିଲା ସେଥିରେ ବର୍ତ୍ତମାନର ଜବର ଦଖଲ ଠାରୁ ୫ ଫୁଟ ଭିତରକୁ ଥିଲା। କିନ୍ତୁ କେଉଁ ପରିସ୍ଥିତିରେ ବର୍ତ୍ତମାନ ଖାଲି ଗରିବମାନଙ୍କ ଘର ଜବରଦଖଲ ଏବଂ ଧନୀମାନଙ୍କ ଘର ରହତି ଜାଗା ଭାବରେ ନକ୍ସା ତିଆରି ହୋଇଛି ବୋଲି ଚର୍ଚ୍ଚା ହେଉଛି।ଅପରପକ୍ଷରେ ସହର ଭିତରରେ ଯେଉଁ ରାସ୍ତା ମାନଙ୍କର ଡ୍ରେନ ଉପରେ ମଧ୍ୟ ଜବରଦଖଲ କରି ଦୋକାନ କରିଥିବାରୁ ଟ୍ରାଫିକ୍ ସମସ୍ୟା ହେଉଛି ସେହି ରାସ୍ତା ଜବରଦଖଲ ଉଚ୍ଛେଦ ହେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଟ୍ରାଫିକ ସମସ୍ୟା ଉପୁଜୁଥିବା ରାସ୍ତାର ଜବରଦଖଲ ପ୍ରଶାସନ ନ କଲେ ବଡ଼ ଧରଣାର ଆନ୍ଦୋଳନ କରିବା ପାଇଁ ବିଭିନ୍ନ ସଂଗଠନ ସଜବାଜ ହେଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।

## ମହୁଲଭଟା ଗାଁରେ ଭାଲୁ ଆତଙ୍କ

କୋମନା,୧୨।୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବନ ବିଭାଗ ଅଧୀନସ୍ଥ ମହୁଲଭଟା ଗାଁରେ ଭାଲୁ ଆତଙ୍କ ଦେଖାଦେଇଛି । ଏହି ଗାଁ ଅନୁପଗଡ଼ ଜଙ୍ଗଲର ତଳି ଅଞ୍ଚଳ ହୋଇଥିବାରୁ ପ୍ରାୟତଃ ମହୁଲଭଟା ଗାଁର ବିଭିନ୍ନ ସ୍ଥାନରେ ରାତ୍ରି ସମୟରେ ଜଙ୍ଗଲୀ ଭାଲୁ ବୁଲୁଥିବା ଲୋକେ ଦେଖିବାକୁ ପାଆନ୍ତି । ଯାହା ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଏଣୁ ବନ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ଲୋକଙ୍କୁ ଭୟମୁକ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## କନ୍ଦାଗଡ଼ିଆ ମାଝୀ ପରିବାରର ମାଘ ପାଟଯାତ୍ରା



କୋକସରା,୧୨।୨(ସମିସ): କୋକସରା ବ୍ଲକ୍ ଆମପାଣି ପଞ୍ଚାୟତର କନ୍ଦାଗଡ଼ ସୁକୁଲିଭଟା ଗ୍ରାମର କନ୍ଦାଗଡ଼ିଆ ମାଝୀ ପରିବାର ପକ୍ଷରୁ ଗତ ୩ ଦିନ ଧରି ଚାଲିଥିବା ମାଘ ପାଟଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଛି।ରବିବାର ପାଟଯାତ୍ରା ଆରମ୍ଭ ହୋଇଥିବା ବେଳେ ସୋମବାର ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ନିମନ୍ତ୍ରିତ ଦେବାଦେବୀଙ୍କୁ ବିଦାୟ ଦିଆଯାଉଥିଲା। ଦିର୍ଘ ୧୨ ବର୍ଷ ପରେ ପାଳିତ ହୋଇଥିବା ପାଟ ଯାତ୍ରାରେ କନ୍ଦାଗଡିଆ ମାଝୀ ପରିବାର ସମେତ ପଡୋଶୀ ଜିଲ୍ଲାରୁ ତାଙ୍କ ବନ୍ଧୁବାନ୍ଧବ ସାମିଲ ହୋଇଥିଲେ। ପାଟଯାତ୍ରାରେ ମାଝୀ ପରିବାରର ମୁଖ୍ୟ ଦେବୀ ଭାବରେ ମାନପୁରେନ୍ ଦେବୀଙ୍କୁ ପୂଜା କରାଯାଇଥିବା ବେଳେ ପାଶ୍ୱର୍ ଦେବଦେବୀ ଭାବରେ ଲଙ୍କେଶ୍ୱରୀ, ଭୈରବ, ପିଲାଭିମା, ପଞ୍ଚମୁଖୀ କାଳୀ, କାଳୀ ସୁନ୍ଦରୀ, ବାରମାଝୀ, ମିର୍ଚ୍ଚୁକ୍ ଆଦି ଦେବାଦେବୀ ପୂଜାର୍ଚ୍ଚନାରେ ସ୍ଥାନ ପାଇଥିଲେ। ମାଘ ପାଟଯାତ୍ରାର ଉଦ୍‌ଯାପନୀ ଦିବସରେ ଗ୍ରାମ ଦେବାଦେବୀଙ୍କୁ ଶାନ୍ତି କରିବା ନିମନ୍ତେ ପୋଡ଼ ବଳି ଦିଆଯାଇଥିଲା। ଯାତ୍ରା ଆରମ୍ଭରେ କଳିଙ୍ଗ ଯାତ୍ରା କରାଯାଇ ସେଠାରୁ ଲୁଣ ଓ ମାଛ ଅଣାଯାଇ ଦେବୀଙ୍କ ନିକଟରେ ଭୋଗ କରାଯାଇଥିଲା। ମୁଖ୍ୟ ପୁଝାରୀ ଦେବି ସିଂ ମାଝୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ରାଜେନ୍ଦ୍ର ମାଝୀ, ସୁଦର୍ଶନ ମାଝୀ,କମଳ ମାଝୀ, ବାଳକୃଷ୍ଣ ମାଝୀ, ହଳଧର ମାଝୀ ପ୍ରମୁଖ ପୁଜଟ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଲକ୍ଷ୍ମୀକାନ୍ତ ମାଝୀ, ଗୋବିନ୍ଦ ମାଝୀ, ବୈଷ୍ଣବ ମାଝୀ, ସଦାନନ୍ଦ ମାଝୀ, ସୁପେଲ ପୁଝାରୀ, ହାତୀ ରାମ ମାଝୀ, ଦେବରାଜ ମାଝୀ, ନିକୁଞ୍ଜ ମାଝୀ, ଦୈତାରି ମାଝୀ, ଚୁଡ଼ାମଣି ମାଝୀ, ହେମନ୍ତ ମାଝୀ, ଚୈବନ ମାଝୀ, ରତୁରାଜ ମାଝୀ, କୁମୁଦ ପୁଝାରୀ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଯାତ୍ରା କମିଟି ପକ୍ଷରୁ ଦର୍ଶକଙ୍କଲାଗି ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ପରିବେଷଣ କରାଯାଇଥିଲା।

## ଅଧୀକ୍ଷଣ ଯନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

କୋକସରା,୧୨।୨(ସମିସ): କ୍ଷୁଦ୍ର ଜଳ ସେଚନ ଓ ଅଣୁ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜଗନ୍ନାଥ ମଲ୍ଲିକ ବୁଧବାର କୋକସରା ବ୍ଲକର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ସହକାରୀ ଯନ୍ତ୍ରୀ ବଣ୍ଟି ବାଗ, କନିଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ଦାସ, ୱାର୍କ ସର୍କାର ସୁରେଶ ପଣ୍ଡା ପ୍ରମୁଖ ଆମପାଣିସ୍ଥିତ ପାଙ୍ଗନିମରା ଯୋର, କରକ ଜଳପ୍ରପାତ, କୁସୁମନାଲ, ଅଠରନଳା, ପୋଡାଯୋର, ବେହାରା ନଦୀ, କମଳ ନଦୀ ଆଦି ସ୍ଥାନ ପରିଦର୍ଶନ କରିଛନ୍ତି। ଏବଂ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହିତ ଆଲୋଚନା କରିବା ସହ କ୍ଷୁଦ୍ର ଜଳ ସେଚନ ଓ ଅଣୁ ବିଭାଗ ଅଧୀନରେ ଆସୁଥିବା ପ୍ରକଳ୍ପ ଗୁଡିକର ପୁନଃ ଉଦ୍ଧାର ଏବଂ ନୂତନ ପ୍ରକଳ୍ପ ତିଆରି ପାଇଁ ଲୋକଙ୍କ ଦାବି ଅନୁସାରେ ବିଭିନ୍ନ ସ୍ଥାନ ବୁଲିବା ସହ ସ୍ଥାନ ନିରୂପଣ କରିଥିଲେ। କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଆଦିବାସୀ ନେତା ରତୁରାଜ ମାଝୀ, ସୁରେଶ ସାହୁ, ମଧୁବନ ପାତ୍ର, ତ୍ରିନାଥ ଶବର, ମନୋରଞ୍ଜନ ବାଣୁଆ, ସନ୍ତୋଷ ମାଝୀ, ନିତ୍ୟାନନ୍ଦ ମାଝୀ, ରବିନାରାୟଣ ଦାସ ପ୍ରମୁଖ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀମଲ୍ଲିକଙ୍କ ସହ ଆଲୋଚନା କରିବା ସହ ନୂତନ ପ୍ରସ୍ତାବ ଦେଇଥିଲେ।

## ଦୋଲକିବନ୍ଧ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

କଲମପୁର,୧୨।୨(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ୍ ଦୁଲକିବନ୍ଧ (ଏସଏସଡି) ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୁଶୀଲ କୁମାର ସାହୁ, ମୁଖ୍ୟବକ୍ତା ଭାବରେ ଦେବବ୍ୟାସ ପ୍ରଧାନ,ସମ୍ମାନିତ ଅତିଥି ଭାବରେ ଖଗେଶ୍ୱର ମାଝୀ,ବିଦ୍ୟାଳୟ କମିଟି ସଭାପତି ଲକ୍ଷ୍ମୀ କାନ୍ତ ଶବର ପ୍ରମୁଖ ମଞ୍ଚାସିନ ଥିଲେ।ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତି ରେଖା ସମାସୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ବିଶ୍ୱରଞ୍ଜନ ଶବର ମଞ୍ଚ ପରିଚାଳନା କରିଥିଲେ।ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଉତ୍ସବଟିକୁ ଖେଳ ଶିକ୍ଷକ ସୁଷମ ଦଳେଇଙ୍କ ଦ୍ୱାରା ପରିଚାଳିତ ହୋଇଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାୟକ, ମଞ୍ଜୁଳା କରୁଆଁ, ଶିକ୍ଷକ ଚିତ୍ରସେନ ଜାନୀ,ମୀନକେତନ ପ୍ରଧାନ, ହେମନ୍ତ କୁମାର ପଟ୍ଟଯୋଶୀ, ବିଜୟ ଲକ୍ଷ୍ମୀ ସାହୁ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିବା ବେଳେ କମଳ ଲୋଚନ ଧଙ୍ଗଡାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ



କୋକସରା,୧୧।୨(ସମିସ):ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିକୁ ବିଜେପି ସମର୍ପଣ ଦିବସ ଭାବରେ ପାଳନ କରିଛି। ମଙ୍ଗଳବାର କୋକସରା ମଣ୍ଡଳ ବିଜେପି ସଭାପତି ବସନ୍ତ ନାଗଙ୍କ ନେତୃତ୍ୱରେ ନେତା ଓ କର୍ମୀମାନେ ବ୍ଲକ୍ ସଦର ମହକୁମାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀଙ୍କୁ ଫଳ ବଣ୍ଟନ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ପଚାରି ବୁଝିଥିଲେ।ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଅପ୍ରେସ ସ୍ୱାଇଁ, ଜିଲ୍ଲା ପ୍ରତିନିଧୀ ଦୁର୍ଗା ପ୍ରସାଦ ପ୍ରଧାନୀ, କୋକସରା ମଣ୍ଡଳ ସାଧାରଣ ସମ୍ପାଦକ ତ୍ରିନାଥ ଶବର, ମଣ୍ଡଳ ପ୍ରଭାରୀ ଗରୁଡଧ୍ୱଜ ମାଝୀ, ନିଳକଣ୍ଠ ମାଝୀ, ଗୋପାଳ ଅଗ୍ରୱାଲ, ଗଣେଶ ନନ୍ଦ, ସାରଳା ପ୍ରଧାନୀ, ପ୍ରମୋଦ ପ୍ରଧାନୀ, ନରେନ୍ଦ୍ର ପ୍ରଧାନୀ, ନରେନ୍ଦ୍ର ଗୁପ୍ତା ପ୍ରମୁଖ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ

କେସିଙ୍ଗା,୧୨।୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ବେଲାମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଏସବିଆଇ ଓ ରାମକୀ ଫାଉଣ୍ଡେସନ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆୟୋଜିତ କରାଯାଇ ବିଦ୍ୟାଳୟ ପରିସରକୁ ସଫା ସୁତୁରା କରାଯିବା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଫାଉଣ୍ଡେସନ ପକ୍ଷରୁ ସ୍ୱଚ୍ଛତା ବିଷୟରେ ଅବଗତ କରାଯାଇଛି। ସ୍ୱଚ୍ଛତା ଅଭିଯାନରେ ଫାଉଣ୍ଡେସନ ପକ୍ଷରୁ ଡାକ୍ତର ବିମଳ ଚରଣ ଷଡ଼ଙ୍ଗୀ, ଫାର୍ମାସିଷ୍ଟ ଯୋସ୍ନା ରାନୀ ବେହେରା,ପଙ୍କଜ ରଣା, ନୀତୁ ନାଏକ,ନିରଞ୍ଜନ ହାତୀ,ଲିଙ୍ଗରାଜ ସ୍ୱାଇଁ ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାନସୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଗୁଣ ପାର୍କିଂ ଫି’ ବଢ଼ାଇଦେଲା ରେଲ୍‌ୱେ

### କୌଣସି ସୁବିଧା ନାହିଁ: ଖରାବର୍ଷା, ଶୀତରେ ଖୋଲାରେ ପାର୍କିଂ







କେସିଙ୍ଗା,୧୨।୨(ସମିସ):

ଇଷ୍ଟ କୋଷ୍ଟ ରେଲୱେର ନୂତନ ପାର୍କିଂ ଶୁଳ୍କ ବୃଦ୍ଧି ଯୋଗୁଁ ରେଳଯାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରେଳ ଷ୍ଟେସନରେ ମଟରସାଇକେଲ ପାର୍କିଂ ଶୁଳ୍କ ଦିନକୁ ମାତ୍ର ୧୦ ଟଙ୍କା ଥିଲା। ଏବେ ଏହା ୫ ଗୁଣା ବଢ଼ି ୪୮ ଟଙ୍କାରେ ପହଞ୍ଚିଛି। ସେହିପରି ଚାରି ଚକିଆ ଗାଡ଼ି ମଧ୍ୟ ୨୦ରୁ ସିଧାସଳଖ ୮୩ ଟଙ୍କାରେ ପହଞ୍ଚିଛି। ବଜେଟରେ ବଧ୍ୟବିତ୍ତଙ୍କୁ ଟ୍ୟାକ୍ସରେ କିଛି ଛାଡ୍ କରି ପୁଣି ମଧ୍ୟବିତ୍ତଙ୍କଠାରୁ ୫ ଗୁଣା ପାର୍କିଂ ଶୁଳ୍କ ବୃଦ୍ଧି କରିବା ସରକାର ମଧ୍ୟବିତ୍ତଙ୍କ ସହିତ ଖେଳିଛନ୍ତି ବୋଲି ଚର୍ଚ୍ଚା ହେଉଛି। କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଅବସ୍ଥିତ ରେଳ ଷ୍ଟେସନ ଜିଲ୍ଲାର ପ୍ରମୁଖ ରେଳ ଷ୍ଟେସନ। ଏହା ଭାରତର ସମସ୍ତ ବଡ଼ ବଡ଼ ସହରକୁ ସଂଯୋଗ ହୋଇଛି। ଏହା ସମସ୍ତ ଟ୍ରେନର ରହଣି ସ୍ଥଳ। କଳାହାଣ୍ଡି ଜିଲ୍ଲା ତଥା ପଡ଼ୋଶୀ ନବରଙ୍ଗପୁର ଜିଲ୍ଲା ଓ ବଲାଙ୍ଗୀର ଜିଲ୍ଲାର ରେଳ ଯାତ୍ରୀ କେସିଙ୍ଗା ରେଳ ଷ୍ଟେସନ ଉପରେ ନିର୍ଭର କରି ଥାଆନ୍ତି। କିଏ ଦୁଇ ଚକିଆ ଯାନ ନେଇ ଆସନ୍ତି ତ କିଏ ଚାରି ଚକିଆ ଯାନ ନେଇ ଷ୍ଟେସନକୁ ଆସନ୍ତି। ଷ୍ଟେସନ ପାର୍କିଂରେ ଗାଡ଼ି ରଖି ମେଡିକାଲ କାମ ହେଉ କିମ୍ବା ବେପାର ବଣିଜ କରିବା ପାଇଁ ଅନ୍ୟ ସ୍ଥାନକୁ ଯାଇଥାନ୍ତି; ହେଲେ କେସିଙ୍ଗା ରେଳ ଷ୍ଟେସନରେ ଅବସ୍ଥିତ ଗାଡ଼ି ପାର୍କିଂ ଖୋଲା ଆକାଶ ତଳେ ରହିଛି। ଖରା ବର୍ଷାରୁ ଗାଡ଼ିଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଏଠି ସେଡ୍ ବ୍ୟବସ୍ଥା ନାହିଁ। ଚୋରି ଡକାୟତି ରୋକିବା ପାଇଁ ମଧ୍ୟ ସିସିଟିଭି ବ୍ୟବସ୍ଥା ନାହିଁ। ଯଦି କିଛି ସୁବିଧା ନାହିଁ କାହିଁକି ଗାଡ଼ି ରହଣି ଲାଗି ଶୁଳ୍କ ବୃଦ୍ଧି କରାଯାଇଛି ବୋଲି ପ୍ରଶ୍ନ ଉଠିଛି।

## ଜୀବନ ନେଉଛି ‘ନୋ ଏଣ୍ଟ୍ରି’ ପଏଣ୍ଟ



କେସିଙ୍ଗା,୧୨।୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରରେ ନୋ ଏଣ୍ଟ୍ରି ପଏଣ୍ଟ ଲୋକଙ୍କ ଲାଗି କାଳ ପାଲଟିଛି। ୨୬ ନମ୍ବର ଜାତୀୟ ରାଜପଥର ଉଭୟ ପାଖେ ଦୋକାନ ବଜାର ରହିଛି। ଠେଲା ଲଗାଇ ଅନେକ ଲୋକ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ସହର ଦେଇ ଜାତୀୟ ରାଜପଥ ଲମ୍ବି ଥିବାରୁ ପ୍ରତିଦିନ ହଜାର ହଜାର ଗାଡି ଚଳାଚଳ କରୁଛି। ଏଣୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ଦୁର୍ଘଟଣାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ କେସିଙ୍ଗାରୁ ୨ କିଲୋମିଟର ଦୂର ଯୋଲକୋ ବ୍ରିଜ ପାଖରେ ବଡ଼ ବଡ଼ ଗାଡ଼ି ପାଇଁ ସକାଳ ୮ ରୁ ୧୨ ଓ ଅପରାହ୍ନ ୪ରୁ ୮ଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ପଏଣ୍ଟ ଘୋଷଣା କରି ଅଟକାଇ ରଖାଯାଉଛି। ପ୍ରଥମେ ଯୋଲକୋ ବ୍ରିଜ ପାଖରେ ନୋ ଏଣ୍ଟ୍ରି ପଏଣ୍ଟ ଥିଲା। ବର୍ତ୍ତମାନ ପ୍ରଶାସନ ପକ୍ଷରୁ ଆଉ ୧ କିଲୋମିଟର ପଛକୁ ଘୁଞ୍ଚାଇ ବୋରିଆ ଗ୍ରାମ ପାଖ ଜାତୀୟ ରାଜପଥ ଉପରେ ନୋ ଏଣ୍ଟ୍ରି ପଏଣ୍ଟ କରାଯାଇଛି। ତେବେ ଏଠାରେ ରାତିରେ ଲାଇଟ୍ ନ ଥିବାରୁ ଦୁର୍ଘଟଣା ବଢୁଛି। ୨ ଦିନ ତଳେ ଅନ୍ଧାର ରାତି ଯୋଗୁ ଟିଟିଲାଗଡର ଜଣେ ୧୮ ବର୍ଷର ଯୁବକଙ୍କ ନୋ ଏଣ୍ଟ୍ରି ପଏଣ୍ଟରେ ଛିଡା ହୋଇଥିବା ଏକ କଣ୍ଟେନର ପଛ ପଟେ ପିଟି ହୋଇ ଜୀବନ ଯାଇଛି। ଏମିତି ରାତିରେ ଅନ୍ଧାର ପାଇଁ ନୋ ଏଣ୍ଟ୍ରି ପଏଣ୍ଟରେ ଅନେକ ଦୁର୍ଘଟଣା ଘଟୁଛି। ସ୍ଥାନୀୟ ପ୍ରଶାସନ ଏହା ଦେଖୁଛି, ଜାଣୁଛି; ହେଲେ କୌଣସି ପଦକ୍ଷେପ ନେଉନି। ସତେ ଯେମିତି ସ୍ଥାନୀୟ ପ୍ରଶାସନ ଲାଗି ମଣିଷ ଜୀବନର ମୂଲ୍ୟ ତୁଚ୍ଛ। ନୋ ଏଣ୍ଟ୍ରି ପଏଣ୍ଟରେ ଲାଇଟ ବ୍ୟବସ୍ଥା କରାଯାଉନାହିଁ।

## ନୂତନ ଥାନାଧିକାରୀଙ୍କ ଯୋଗଦାନ

କଲମପୁର,୧୨।୨(ସମିସ):କଳାହାଣ୍ଡି ଜିଲ୍ଲା କଲମପୁର ଥାନାରେ ନୂତନ ଥାନା ଅଧିକାରୀ ଭାବେ ନୀଳାମ୍ବର ଜାନୀ ଯୋଗଦାନ କରିଛନ୍ତି।ଥାନାଧିକାରୀ କଲମପୁର ଥାନାରେ ଯୋଗଦାନ କରିବା ପରେ କଲମପୁର ସାମ୍ବାଦିକ ସଂଘର ସଦସ୍ୟମାନେ ସାକ୍ଷାତ କରିଥିଲେ, ଜାନୀଙ୍କୁ ପୁଷ୍ପଗୁଚ୍ଛ ଦେଇ କଲମପୁର ଥାନାକୁ ସ୍ୱାଗତ କରିଥିଲେ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର କୁମାର ନାଏକ,ଗଣେଷ ରାମ ବାଗ, ସଞ୍ଜୟ ସାହୁ,ଏମଡି ଇଲାହି,ରାଜେଶ ସାହୁ,ଭୁଜରାଜ ଛତ୍ରିଆ,ରଞ୍ଜନ ସାହୁ, ଦର୍ଶନ ଗୁପ୍ତା ଓ ଆଇନଜୀବୀ ସୁଶିଲ କୁମାର ରାଉତ।



## ଧବଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମ. ରାମପୁର,୧୨।୨(ସମିସ): ମ.ରାମପୁର ବ୍ଲକ୍ ଅନ୍ତର୍ଗତ ମୋହନଗିରି ଠାରେ ଥିବା ଧବଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୀ ଉତ୍ସବ ପାଳନ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା କଲେଜ ସଭାପତି ଭୂପିନ୍ଦର ସିଂ,ମୁଖ୍ୟବକ୍ତା ଡ଼ଃ ଶିବ ପ୍ରସାଦ ବେହେରା ଅବସର ପ୍ରାପ୍ତ ଅଧ୍ୟକ୍ଷ ଡିଏଭି କଲେଜ ଟିଟିଲାଗଡ଼, ସ୍ୱତନ୍ତ୍ର ଅତିଥି ଶ୍ରୀମାନ ପ୍ରଣୟ ଆନନ୍ଦ ତ୍ରିପାଠୀ ଅବସରପ୍ରାପ୍ତ ଅଧ୍ୟକ୍ଷ ଜେକେ ମହାବିଦ୍ୟାଳୟ ରିସିଡା, ସ୍ୱତନ୍ତ୍ରବକ୍ତା ଶ୍ରୀମାନ ସୁଧାକର ରାଉତ ତହସିଲଦାର,ମ.ରାମପୁର, ସମ୍ମାନିତ ଅତିଥି ଶ୍ରୀମାନ ଶୁକଦେବ ସାହୁ,ସମ୍ପାଦକ, ଧବଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ମୋହନଗିରି,ଶ୍ରୀମାନ ଗକୁଳାନନ୍ଦ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି, ଧବଳେଶ୍ୱର ଉଚ୍ଚ ମଧ୍ୟମିକ ବିଦ୍ୟାଳୟ, ମୋହନଗିରି, ଶ୍ରୀମାନ ପ୍ରକାଶ ମାଝୀ,ସଭାପତି ଜିଲ୍ଲା ଆଦିବାସୀ ସଂଘ, କଳାହାଣ୍ଡି, ଶ୍ରୀମାନ ବିଭୂପଦର ପଟ୍ଟନାୟକ,ଅଧକ୍ଷ ଧବଳେଶ୍ୱର ଉଚ୍ଚ ମଧ୍ୟମିକ ବିଦ୍ୟାଳୟ, ମୋହନଗିରି,ପବିତ୍ର ମୋହନ ହୋତା,ପୂର୍ବତନ ଜିଲ୍ଲାପରିଷଦ ମଞ୍ଚାସିନା ଥିଲେ ସମସ୍ତ ଅତିଥିଙ୍କ ମୁଖ୍ୟ ବାର୍ତା ଥିଲା ଶିକ୍ଷା ଦ୍ୱାରା ସମାଜର ଅନ୍ଧକାରକୁ ଦୂର କରାଯାଇ ପାରିବ ଏବଂ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯିବ ସହିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଉକ୍ତ ଉଚ୍ଚବରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଅଚ୍ୟୁତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।




## କଳାହାଣ୍ଡି ଏଡିଇଓ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା



ଧର୍ମଗଡ଼,୧୨।୨(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜ୍ୟୋତି ଫାର୍ମ ଠାରେ ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ(ଏଡିଇଓ)ସଂଘର ସମାର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।ଏହି ସଭା ରେ ଓଜିଆରଏସ ସଂଘର ରାଜ୍ୟ ସଭାପତି ପ୍ରଭାତ ତିୱାରୀଙ୍କୁ ସମ୍ମାନିତ କରାଯାଇଥିଲା।ଶ୍ରୀ ତିୱାରୀ ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳ ବେହେରା ବାଙ୍କିମୁଣ୍ଡା ଗ୍ରାମର।ସେ ୨୦୧୪ ରେ ବେହେରା ପଞ୍ଚାୟତ ରେ ଓଜିଆରଏସ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେ ୨୦୦୯ରେ ସଂଘର ବ୍ଲକ୍ ସଭାପତି ଓ ୨୦୦୧୩ରେ କଳାହାଣ୍ଡି ଜିଲ୍ଲା ସଭାପତି ହୋଇଥିଲେ,ସେ ଜିଲ୍ଲା ସଭାପତିଥିବା ବେଳେ ସଂଘର ବିଭିନ୍ନ ଦାବି ନେଇ ଭୁବନେଶ୍ୱରରେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କର କାର୍ଯ୍ୟ ଦକ୍ଷତାକୁ ସମ୍ମାନ ଜଣାଇ ନିର୍ବିରୋଧ ରେ ତାଙ୍କୁ ୨୦୧୮ ରେ ସଂଘ ର ରାଜ୍ୟ ସଭାପତି ଭାବେ ଚୟନ କରାଯାଇଥିଲା।ଏହି ପରିପ୍ରେକ୍ଷୀରେରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ସମ୍ବର୍ଦ୍ଧନା ସଭା କରି ରାଜ୍ୟ ସଭାପତି ଓ ତାଙ୍କ ଟିମ୍‌କୁ ସମ୍ବର୍ଦ୍ଧନା ଦିଆଯାଉଥିବା ଦେଖାଯାଇଛି। ସମ୍ବର୍ଦ୍ଧନା ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ସଂଗ୍ରାମ ସିଂହ,କାର୍ଯ୍ୟକାରୀ ସଭାପତି ବାବାଜୀ ବେହେରା,ଉପ ସଭାପତି ସୁରେଶ ବେହେରା,ସହ ସମ୍ପାଦକ ସୁଶୀଲ ପାଣିଗ୍ରାହୀ, କାର୍ଯ୍ୟକାରୀ ସମ୍ପାଦକ ଅଜୟ କୁମାର ଜେନା,କୋଷାଧ୍ୟକ୍ଷ ଦେବାଶିଷ ରାଉତ ତଥା ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।କଳାହାଣ୍ଡି ଜିଲ୍ଲା ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାହୁ ସମେତ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ।

## ଦୁଇ ନୂତନ ଶିକ୍ଷକଙ୍କୁ ସ୍ୱାଗତ

କୋକସରା,୧୨।୨(ସମିସ): କୋକସରା ବ୍ଲକ ମାଝିଗୁଡା ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ବିଜ୍ଞାନ ଶିକ୍ଷକ ଦୀକ୍ଷାୟେ ଦାଶ ଓ କଳା ଶିକ୍ଷକ ଗଜେନ୍ଦ୍ର ଧରୁଆ ଯୋଗ ଦେଇଛନ୍ତି। ବୁଧବାର ଉଭୟ ଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପରିଚାଳନା କମିଟି ସଭାପତି ସୁଧୀର ରଞ୍ଜନ ପଣ୍ଡା, ସଦସ୍ୟ ପଙ୍କଜ ପୋଡ଼, ଧବଳେଶ୍ୱର ନାଗ, ଅରବିନ୍ଦ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ମହାନ୍ତି, ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖ ଯୋଗଦେଇ ଉଭୟ ଶିକ୍ଷକଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ।

## ଦଶମ ଛାତ୍ରଛାତ୍ରୀଙ୍କୁ ଗୁରୁମନ୍ତ୍ର

ଭବାନୀପାଟଣା,୧୨।୨(ସମିସ): ସ୍ଥାନୀୟ ବିକାଶ ଆବାସିକ ବିଦ୍ୟାଳୟ ଉଇସଡମ ପାର୍କରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଲାଗି ଆଶ୍ରୀବଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଆରତୀ ମିଶ୍ର ଏହି ସମାରୋହରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲକ୍ଷ୍ମୀ ବିକାଶ ବିଦ୍ୟାଳୟ ସମୂହର ନିର୍ଦ୍ଦେଶକ ଡି. ଶ୍ୟାମ, ଶିକ୍ଷା ପ୍ରଭାରୀ ଡ଼ି. ବିଜୟା, ବିକାଶ ଉଚ୍ଚ ମକ୍ଷଧମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ଆବାସିକ ବିଦ୍ୟାଳୟ ଉପ ଅଧ୍ୟକ୍ଷ ନାରାୟଣ ମହାନ୍ତି ଉପସ୍ଥିତ ଥିଲେ। ଏଥର ବୋଡର୍ ପରୀକ୍ଷାରେ ଭଲ ମାର୍କ ରଖି ସଫଳତାର ସହିତ କୃତକାର୍ଯ୍ୟ ହେବାପାଇଁ ଛାତ୍ରଛାତ୍ରୀଙ୍କୁ ଗୁରୁମନ୍ତ୍ର ପ୍ରଦାନ କରାଯାଇଥିଲା।

# ‘ନିପୁଣ ଓଡ଼ିଶା’ ମେଳା ଉଦ୍‌ଯାପିତ

କର୍ଲାମୁଣ୍ଡା,୧୨।୨(ସମିସ):

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ରିଷିଡା କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ବାପୁଜୀ ସରକାରୀ ଉଚ୍ଚବିଦ୍ୟାଳୟର ଦୀପ୍ତି ମହାଦୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରିଷିଡା କାନ୍ଧପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନ୍ତର୍ଯାମୀ ମଲ୍ଲିକ, ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ତରୁଣ ଗହୀର ଯୋଗ ଦେଇଥିଲେ। ସିଆରସିସି ବିଶିକେଶନ ସୁନା ପରିଚାଳନା କରିଥିଲେ। ୭ଟି ସ୍କୁଲର ଛାତ୍ରଛାତ୍ରୀ ଶିକ୍ଷଣ ଉପକରଣ ପ୍ରସ୍ତୁତ କରି ଅଂଶଗ୍ରହଣ କରିଥିଲେ। ସେହିପରି ସୁ ରୁ ଜୁ ଳି ପ୍ରା ଥ ମି କ ବିଦ୍ୟାଳୟରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଶିକ୍ଷଣ ଉପକରଣ ପ୍ରଦର୍ଶନୀ ନିପୁଣମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୮ଟି ଏଫଏଲଏନ ବିଦ୍ୟାଳୟରୁ ୮୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୋହିତ ରଣା, ସୁରୁଜୁଲି ଉଚ୍ଚ ପ୍ରାଥମମିକ ବିଦ୍ୟାଳୟ ପରିଚାଳନା କମିଟି ସଭପତି ଜଗଦୀଶ ରଣା, ଅଙ୍ଗବାଡ଼ି କର୍ମୀ ଉର୍ମିଳା କୁମାର, କିଶୋରୀ ରଣା ଓ ଭୂମିଶୁତା ରଣା ପ୍ରମୁଖ ଯୋଗ ଦେଇଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁରାମ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରସନ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରେଙ୍ଗାଲି କ୍ଲଷ୍ଟର ପକ୍ଷରୁ ସିଆରସିସି ଉଜ୍ୱଳ ସାହୁଙ୍କ ନେତୃତ୍ୱରେ ଭଟାପଲା ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ସା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ବୈଷ୍ଣବ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗମୋହନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



■ ଲାଞ୍ଜିଗଡ଼: ଲାଞ୍ଜିଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଅଭିନବ ନୂତନ ଶିକ୍ଷା ପଦ୍ଧତିରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀ କିଭଳି ନିଜ ଭାଷା ଏବଂ ସଂଖ୍ୟାକୁ ପ୍ରାଞ୍ଜଳ ଭାବେ ନିଜ ଭାଷାରେ ବୁଝିପାରିବେ ଲେଖି ପାରିବେ ଏବଂ କହିପାରିବେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି। ୨୦୨୬-୨୭ ଶିକ୍ଷାବର୍ଷରୁ ଛାତ୍ରଛାତ୍ରୀ କିଭଳି ତୃତୀୟ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ପରବର୍ତ୍ତୀ ଶ୍ରେଣୀରୁ ନିଜେ ଭାଷା ଓ ସଂଖ୍ୟଜ୍ଞାନ ଜାଣିପାରିବେ ସେଥିପାଇଁ ବର୍ତ୍ତମାନଠୁ ପିଲାଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ୧୮ ଟି ସ୍କୁଲର ୩ ଶହରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଲାଞ୍ଜିଗଡ କ୍ଲଷ୍ଟର ସଂଯୋଜକ ଜଳନ୍ଧର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମୁଦୁଲି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ଜଗନ୍ନାଥପୁର ପଞ୍ଚାୟତ ସମିତି ସଭ୍ୟ ପ୍ରଦୀପ ମାଝୀ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷ ରାଧାମାଧବ ରଥ, ଶିକ୍ଷକ ମନୋଜ ମହାଖୁଡ, ସୁଜତା ଦାସ, ହିରାନିଆ କୁମ୍ଭାର, ଧାମବରୁଧର ସାହୁ, ସୀତା ରାଉତ, ଦୁର୍ଗାମାଧବ ମହାଖୁଡ଼, ସୁଶାନ୍ତ ମଲ୍ଲିକ, ବିହାରୀ ମାଝୀ, ମୋହନ ସିଂ ବାଗଙ୍କ ସମେତ ୧୮ ଟି ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ। ପୂର୍ବତନ ସିଆରସିସି ଗୁରୁଗୋବିନ୍ଦ ମହାନ୍ତି ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଆଇନ ନେଇ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ, ୧୨।୨(ସମିସ)









ସ୍ଥାନୀୟ ଟାଉନ୍ ହଲ୍‌ରେ ଓଡ଼ିଶା ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ବୌଦ୍ଧ ବ୍ଲକସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବାଲ୍ୟ ବିବାହ ନିରାକରଣ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତଅତିଥି ଭାବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ରୁପକ ମହାପାତ୍ର, ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳକୃଷ୍ଣ ମଲ୍ଲିକ ମଞ୍ଚାସୀନ ଥିଲେ। ଅତିଥିମାନେ ପାରିବାରିକ ତଥା ଘରୋଇ ହିଂସା ନିରାକରଣ ଆଇନ୍ ସମେତ ଅନ୍ୟାନ୍ୟ ଆଇନରେ ଥିବା ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ରଖିଥିଲେ।ଏଥିସହିତ ମହିଳା ହିଂସା ବିରୋଧୀ ନିୟମ ଓ ଅଧିନିୟମ ଉପରେ ଆଲୋଚନା କରାଯାଇଥିଲା। ମହିଳାଙ୍କର ସହଭାଗିତା ଉପରେ ଆଲୋଚନା କରି ବେଟି ବଚାଓ, ବେଟି ପଢ଼ାଓ ଶପଥ ପାଠ କରାଯାଇଥିଲା। ପରେ ଅଂଶଗ୍ରହଣକାରୀ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ମହିଳାଙ୍କୁ ସାଧନ କର୍ମୀମାନେ ତାଲିମ ପ୍ରଦାନ କରିଥିଲେ।

**ବୀରମହାରାଜପୁର/ସୁବଳୟା:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ପଞ୍ଚାୟତ ସମିତିର କଲ୍ୟାଣମଣ୍ଡପରେ ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ଡାକ୍ତରଖାନାର ଅଧୀକ୍ଷକ ସଞ୍ଜୟ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଆଶୁତୋଷ ହୋତା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ, ଏବିଡିଓ ପୁରୁଷୋତ୍ତ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ଏକ୍ସନ ଏଡ୍‌ର କୋର୍ଡିନେଟର ଘାସିରାମ ପଣ୍ଡା, ଜିଲ୍ଲା ଜୁଭିନାଇଲ ଜଷ୍ଟିସ ବୋର୍ଡ ମେମ୍ବର ଆଇନଜୀବୀ ରଞ୍ଜିତା ସାହୁ, ଆଶା, ଅଙ୍ଗନବାଡ଼ି କର୍ମୀ କଲେଜ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ପ୍ରୋଗ୍ରାମ ଅଫିସର ଅନିତା ଗୁରୁ ସଂଯୋଜନା କରିଥିବା ବେଳେ, ବୀରମହାରାଜପୁର ସିଡିପି ଓ ମଞ୍ଜୁଲତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଞ୍ଜୀବ ମିଶ୍ର, ପ୍ରତାପ ପଧାନ, ଅକ୍ଷୟ ସିଂହ, ବିକାଶ ପଣ୍ଡା, ଶାନ୍ତନୁ ମେହେର, ରଶ୍ମିତା ଷଡ଼ଙ୍ଗୀ, ପ୍ରଦୀପ ଦାଶ, ଲିଙ୍ଗରାଜ ବିଶି ଓ ମନୋଜ ରାଜହଂସ ପ୍ରମୁଖ ସହଯୋଗ କରିଥିଲେ।

**ଶଗଡ଼ା:** କଣ୍ଠାମାଳ ବ୍ଲକ ମିଶନ ଶକ୍ତି ଭବନରେ ରାଜ୍ୟ ମହିଳା କମିଶନ ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଚାର୍ଲସ ନାଏକ, କଣ୍ଠାମାଳ ବିଡ଼ିଓ ସାମି ଜୟଶ୍ରୀ ରେ‡ୀ, ମେଡିକାଲ ଅଫିସର ଡ. ଜଗଦୀଶ ସେଠୀ, କଣ୍ଠାମାଳ ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଡିପିଏମ ରୂପକ ମହାପାତ୍ର, ଜିଲ୍ଲା କୁଷ୍ଠ ପରାମର୍ଶଦାତା ଡ. ଅମରେନ୍ଦ୍ର ମହାପାତ୍ର, ସିଡିପିଓ ପଙ୍କଜିନୀ ମିଶ୍ର, ଡ଼ିଏସ ଡବ୍ଲୁ ଓ ଗୋପାଳ ଚନ୍ଦ୍ର ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଡିଏସଡବ୍ଲୁଓ ଗୋପାଳ ଚନ୍ଦ୍ର ମଲ୍ଲିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଡିପିଏମ ରୂପକ ମହାପାତ୍ର ଲିଙ୍ଗ ନିରୂପଣ ଆଇନ ଓ ବିଭିନ୍ନ ସ୍ୱାସ୍ଥ୍ୟସେବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ମହିଳା ଓ ଶିଶୁଙ୍କ ପାଇଁ ଥିବା ଆଇନ ଓ ଆଇନଗତ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ଶେଷରେ ବାଲ୍ୟ ବିବାହ ନିଷେଧ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସନ୍ତୋଷିନୀ ଭୋଇ, ଡିପିଏମ ମମତା ଆଶିଷ ମହାନ୍ତି, ରୀନା ମହାନ୍ତି, ଗୀତାରାଣୀ ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

## ୨୭ କୁଇଣ୍ଟାଲ ଗଞ୍ଜେଇ ଛାଡ଼ି ପଳାଇଲେ ମାଫିଆ

# ଜଣକୁ ବି ଧରିପାରିଲାନି ପୁଲିସ

**ବୌଦ୍ଧ, ୧୨।୨(ସମିସ):** ଅପରେସନ ଗ୍ରୀନ କ୍ଲିନ୍ ଅଭିଯାନରେ ବୌଦ୍ଧ ପୁଲିସ କେବଳ ଗଞ୍ଜେଇ ଜବତ କରି ସନ୍ତୁଷ୍ଟ ହୋଇଛି। ପ୍ରାୟ ୨୭ କୁଇଣ୍ଟାଲ ଗଞ୍ଜେଇ ଛାଡ଼ି ମାଫିଆ ଫେରାର ହୋଇ ଯାଇଛନ୍ତି। ପୁଲିସକୁ ଦେଖି ମାଫିଆ ଫେରାର ମାରିବାରେ ସକ୍ଷମ ହୋଇଛନ୍ତି। ଜଣକୁ ବି ଧରିବାରେ ପୁଲିସ ସଫଳ ହୋଇନି। ଏଥିରୁ ପୁଲିସର ପାରିବା ପଣିଆ ଜଳ ଜଳ ଦିଶୁଛି।

ବୌଦ୍ଧ ଆଦର୍ଶ ଥାନା ଅଧୀପନ ବଘିଆପଡ଼ା ଫାଣ୍ଡି ପନ୍ଥେଇ ଛକ ନିକଟରେ ଆଦର୍ଶ ଥାନା ପୁଲିସ ଚଢଉ କରି ୨୭ କୁଇଣ୍ଟାଲ ୨୦ କେଜି ଗଞ୍ଜେଇ ଜବତ କରିଛି। ବାହାର ରାଜ୍ୟକୁ ଚାଲାଣ ହେବା ପାଇଁ ଏହି ଗଞ୍ଜେଇ ଗଚ୍ଛିତ କରି ରଖାଯାଇଥିଲା। ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ଖବର ପାଇ ପୁଲିସ ଚଢଉ କରିଥିଲା। ଥାନା ଅଧିକାରୀ ରଞ୍ଜିତ ମୁନିଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲା।



# ନୂଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୀରମହାରାଜପୁରା, ୧୨।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ କଳାପଥର କ୍ଲଷ୍ଟର ନୂଆପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବିଘ୍ନରାଜ କମ୍ପଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ କଳାପଥର କ୍ଲଷ୍ଟର ସିଆରସିସି ରଞ୍ଜନ ଜଗଦଲା ଯୋଗଦେଇ ଶିକ୍ଷା ଦ୍ୱାରା କିପରି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ହୋଇପାରେ ଓ ଏକ ସୁସ୍ଥ ସମାଜ ଗଠନ କରାଯାଇପାରେ ସେ




ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଧ୍ରୁବଚରଣ ପଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶୈକ୍ଷିକ ମୂଲ୍ୟବୋଧ ଦ୍ୱାରା ଉତ୍ତମ ଚରିତ୍ର କିପରି ଗଠନ ହୁଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସଭାକାର୍ଯ୍ୟକୁ ଶିକ୍ଷକ ଅଚ୍ୟୁତ ରଣା ସଂଯୋଜନା କରିଥିଲେ।ବରିଷ୍ଠ ଶିକ୍ଷୟିତ୍ରୀ ସୌଦାମିନୀ ମେହେର ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷୟିତ୍ରୀ ନିବେଦିତା ଅମାତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସ୍ମୃତିପ୍ରଭା ପାଢ଼ୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ପୀତବାସ ରଥ ଧନ୍ୟବାଦ ଦେଇଥିଲେ।

# ଦକ୍ଷତା ବିକାଶ ବିଭାଗ ପକ୍ଷରୁ ନିଯୁକ୍ତି ପରାମର୍ଶ ଶିବିର

**ବୌଦ୍ଧ, ୧୨।୨(ସମିସ):** ବୌଦ୍ଧ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଅଜୟ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ରାଧାନଗର ସରପଞ୍ଚ ଗଣେଶ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ତାଲିମ ଓ ଆତ୍ମ ନିଯୁକ୍ତିର ସଦୁପଯୋଗ ପାଇଁ ବୌଦ୍ଧ ଜିଲ୍ଲାର ସମସ୍ତ ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଏବଂ ପ୍ରାର୍ଠଥନୀଙ୍କୁ ଆହ୍ୱାନ କରାଯାଇଛି। ଏହି ଶିବିରରେ ଅଷ୍ଟମ ଶ୍ରେଣୀରୁ ଯୁକ୍ତ ତିନି, ଆଇଟିଆଇ, ଡିପ୍ଲୋମା ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀଙ୍କୁ ବିଭିନ୍ନ ତାଲିମ ଏବଂ କର୍ମନିଯୁକ୍ତି ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ସେହିପରି ବୌଦ୍ଧ ଜିଲ୍ଲାରେ ସୋଲାର ପାୱାର ଟେକନିସିଆନ ପାଇଁ ତାଲିମ ବ୍ୟବସ୍ଥା ହୋଇଥିବା ବେଳେ ୬୦ ଜଣ ପ୍ରଶିକ୍ଷାର୍ଥୀ ଏଥିପାଇଁ ପଞ୍ଜିକୃତ ହୋଇଥିବା ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଅଜୟ ଦାଶ ସୂଚନା ଦେଇଛନ୍ତି।




## ଭୀମଭୋଇଙ୍କ ସମାଧି ପୀଠରେ ମାଘ ପୂର୍ଣ୍ଣିମା

# ପ୍ରକମ୍ପିତ କଲା ମହିମା ଭଜନ ଜଣାଣ

**ସୋନପୁର, ୧୨।୨(ସମିସ):** ମହିମା ଧର୍ମାବଲମ୍ବୀଙ୍କ ପବିତ୍ର ସ୍ଥାନ ସନ୍ଥ କବି ଭୀମଭୋଇଙ୍କ ସାଧନା ଓ ସମାଧି ପୀଠ ମହିମା ଖଲିଆପାଲି ଠାରେ ମାଘ ପୂର୍ଣ୍ଣିମା ରୀତି ସମାପନ ହୋଇଛି। ଏହି ପବିତ୍ର ଦିବସକୁ ମହିମା ସାଧୁସନ୍ଥ ମାନେ ସାରା ବର୍ଷ ଅପେକ୍ଷା କରି ରହିଥାନ୍ତି। ବର୍ଷର ମାତ୍ର ଦୁଇ ଦିନ ମାଘ ଚର୍ତୁଦଶୀ ଏବଂ ପୂର୍ଣ୍ଣିମାରେ କେବଳ ମୁଖ୍ୟ ମନ୍ଦିର ଖୋଲା ଯାଉଥିବାରୁ ଖଲିଆପାଲି ଠାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ମହିମା ସାଧୁ ସନ୍ଥ ତଥା ଦୂର ଦୂରାନ୍ତରରୁ ଆସିଥିବା ଶ୍ରଦ୍ଧାଳୁମାନେ ସାରା ରାତି ଧାଡିରେ ଛିଡା ହୋଇ ସମାଧିସ୍ଥଳ ଦର୍ଶନ କରିଥିଲେ। ମହିମା ଭଜନ ଜଣାଣ ସହ ଖଞ୍ଜଣି ବାଦ୍ୟରେ ପ୍ରକମ୍ପିତ ହେଉଥିଲା ମଠ ପରିସର।ମଠର ମୁଖ୍ୟ ମହନ୍ତ ସନ୍ୟାସୀ ବାବାଙ୍କ ସହ ଅନ୍ୟ ସହଯୋଗୀ ସାଧୁସନ୍ଥଙ୍କ ଦ୍ୱାରା ପୂର୍ଣ୍ଣିମୀ ରୀତି ଅନୁଷ୍ଠିତ ହୋଇଥିଲା। ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ବ୍ରହ୍ମ ମୁହର୍ତ୍ତରେ ୨୧ ଶାନ୍ତି ପଣା ଓ ଭୋଗ ଅର୍ପଣ ହୋଇଥିଲା। ସାରାଦିନ ଆଶ୍ରମ ପରିସରରେ ମାଘ ପୂର୍ଣିମାର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମୁଖ୍ୟସମାଧି ମନ୍ଦିର, ନୀତି ମନ୍ଦିର ଏବଂ ମଠ ପରିସରରେ ଥିବା ଅନ୍ୟାନ୍ୟ ସମାଧି ମନ୍ଦିରକୁ ଦୁଗ୍ଧରେ ସ୍ନାନ କରାଇ ନୂଆ ବସ୍ତ୍ର ଲାଗି କରାଯାଇଛି। ମଠର ମୁଖ୍ୟମହନ୍ତ ସନ୍ୟାସୀ ବାବାଙ୍କ ସହବାବା ସିଦ୍ଧେଶ୍ୱର ଦାସ, ନାଜର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଲିଙ୍ଗରାଜ ଦାସ, ଗରିବ ଦାସ, ଯୋଗେନ୍ଦ୍ର ଦାସ ପ୍ରମୁଖ ମହିମା ସନ୍ଥ ମାନେ ସହଯୋଗ କରିଥିଲେ।ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁ ଗାଦି ମନ୍ଦିର ସହ ଝାଡଦୀପ ଦର୍ଶନ କରିଥିଲେ। ମଠ ନିକଟରେ ଲାଗିଛି ମାଘମେଳା ହାଟ। ବିଭିନ୍ନ ଘର କରଣା ଦ୍ରବ୍ୟ ସହ ପୋଷାକ, ଖେଳନା ଆଦି ବିକ୍ରି ହେଉଛି।



# ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ

**ଚାରିଛକ, ୧୨।୨(ସମିସ):** ହରଭଙ୍ଗା ଆଞ୍ଚଳିକ ପଞ୍ଚାୟତ କଲେଜରେ ପ୍ରାଚୀର ସାହିତ୍ୟ ପତ୍ରିକା 'ପଦ୍ମତୋଳା'ର ଏକ ଦଶନ୍ଧି ମହୋତ୍ସବ ଓ ବାର୍ଷିକ କ୍ରୀଡା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ହିମାଂଶୁ ଶେଖର ରାଉତ ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ପ୍ରାଣବନ୍ଧୁ ସାହୁ, ସ୍ଥାନୀୟ ଥାନା ଅଧିକାରୀ ନଳିନୀ କାନ୍ତ ଦାସ, ସ୍ଥାନୀୟ ସରକାରୀ ଚିକିତ୍ସା କେନ୍ଦ୍ରର ଡାକ୍ତର ଶ୍ୟାମପ୍ରସାଦ ମେହେର, ଛାତ୍ରଙ୍ଗ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ନିରଞ୍ଜନ ସାହୁ, ହରଭଙ୍ଗା ଉଚ୍ଚବିଦ୍ୟାଳୟ କ୍ରୀଡା ଶିକ୍ଷକ ଏଥିରେ ସମ୍ମନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପକ ସୁଦାମ ଚରଣ ପୃଷ୍ଟି ବିବରଣୀ ପାଠ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧାପିକା ସସ୍ମିତା ହାଁସଦା ଧନ୍ୟବାଦ ଅର୍ପଣକରିଥିଲେ।

# ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ନିପୁଣ ଓଡ଼ିଶା' ମେଳା



**ବୌଦ୍ଧ, ୧୨।୨ (ସମିସ):** ବୀରନରସିଂହପୁର ପଞ୍ଚାୟତ ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମକରନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ପୋଚ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ରଜନୀକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପୋଚ୍ ସରପଞ୍ଚ କଲ୍ୟାଣୀ ପ୍ରଧାନ ଓ ସରସରା ସାଧନ କେନ୍ଦ୍ର ସଂଯୋଜକ ଶ୍ରୀବନ୍ତ ନାଏକ ଯୋଗ ଦେଇଥିଲେ। ହରେକୃଷ୍ଣପୁର କ୍ଲଷ୍ଟର ସିଆରସିସି ନିଳାଚଳ ବିହାରୀ ମିଶ୍ର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ସମ୍ପୋଚ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ବିଜୟ ସାହୁ ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମୌଳିକ ଭାଷା ବିକାଶ ଓ ସଂଖ୍ୟାଜ୍ଞାନ ବିକାଶ ପାଇଁ ଶିକ୍ଷକ ଓ ଅଭିଭାବକଙ୍କ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ପିଲାମାନେ ଶିକ୍ଷା ଗ୍ରହଣ ପାଇଁ ଏକ ଅନୁକୂଳ ପରିବେଶ ଓ ବାତାବରଣ ତିଆରି କରି ନୂତନ ଶୈଳୀରେ ଉପକରଣ ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟା ଜାରି ରଖିବା ପାଇଁ ଅତିଥିଗଣ ପରାମର୍ଶ ଦେଇଥିଲେ। ଶିକ୍ଷକ ବିଜୟ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲଷ୍ଟର ଅଧୀନ ୧୧ଟି ବିଦ୍ୟାଳୟରୁ ଜଣେ ଲେଖା ଶିକ୍ଷକଙ୍କ ସହ ୧୦ ଜଣ ଛାତ୍ରଛାତ୍ରୀ, ୧୦ ଜଣ ଅଭିଭାବକଙ୍କ ସହ ନୂତନ କୌଶଳରେ ନିର୍ମିତ ପାଠ ଉପକରଣ ସହ ମେଳାରେ ଯୋଗ ଦେଇଥଲେ। ଶିକ୍ଷକ ଦୋଳଗୋବିନ୍ଦ ବେହେରା, ରାଜେନ୍ଦ୍ର ମଲ୍ଲିକ, ଗୀତାଞ୍ଜଳି ମହାପାତ୍ର, ଶ୍ୱେତରୁପା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ବୌଦ୍ଧ, ୧୨।୨(ସମିସ):** ବୌଦ୍ଧ ବ୍ଲକ ଅଧୀନ ଫ୍ରେଣ୍ଡସ କ୍ଲବ୍ ଓ କାର୍ଡ ଅନୁଷ୍ଠାନ ଆନୁକୂଲ୍ୟରେ ମୁଣ୍ଡାପଡ଼ା ଖେଳ ପଡ଼ିଆରେ ପ୍ରଥମ ବିଧାୟକ କପ୍ ଫୁଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଉଦ୍‌ଘାଟନ ମ୍ୟାଚ ବୌଦ୍ଧ ଏବଂ ବୀରମହାରାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ୨-୦ ଗୋଲ୍‌ରେ ଏହି ମ୍ୟାଚରେ ବିଜୟୀ ହୋଇଥିଲା। ପ୍ରତିଯୋଗିତାରେ ଦ୍ୱିତୀୟ ମ୍ୟାଚ ରେଢାଖୋଲ ଓ ମୁଣ୍ଡାପଡ଼ା ମଧ୍ୟରେ ହୋଇଥିଲା। ଏଥିରେ ମୁଣ୍ଡାପଡ଼ା ୩-୦ ଗୋଲରେ ବିଜୟୀ ହୋଇଥିଲା।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ସମ୍ମାନିତ ଅତିଥି ଭାବେ ଧର୍ମୁଧର ପୋଢ଼, କନିଷ୍ଠ ଯନ୍ତ୍ରୀ ମନୋଜ ପ୍ରଧାନ, ସୁଶୀଲ ହୋତା, ବିକ୍ରମ ପ୍ରଧାନ ଯୋଗ ଦେଇଥିଲେ। ଗୁରୁବାର ବିନିକା- ପୁରୁଣାକଟକ ଓ ଅନୁଗୁଳ- ଫୁଲବାଣୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ସଲିଲ ବେହେରା, ମାନଭଞ୍ଜନ ମହାରଣା, ଅମିତ ବେହେରା ଖେଳ ପରିଚାଳନା କରିଥିଲେ। ଅମ୍ବରିସ ପ୍ରଧାନ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।



# ପୁଣ୍ୟତିଥିରେ ଦୀନଦୟାଲ ଉପାଧ୍ୟାୟଙ୍କ ସ୍ମୃତିଚାରଣ




**ବୌଦ୍ଧ, ୧୨।୨(ସମିସ):** ବୌଦ୍ଧ ରାଜବାଟୀରେ ଥିବା ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବୌଦ୍ଧ ନଗର ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ଅବସରରେ ସମର୍ପଣ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ଦଲାଲ୍, ପୂର୍ବତନ ବିଜେପି ସଭାପତି ମାଗୁଣି ଚରଣ ଗାଇଗୌରିଆ, ବିପ୍ରଚରଣ ମହାନ୍ତି, ମନୋରଞ୍ଜନ ଦାଶ, ଚିତ୍ତ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଜୀବନାଦର୍ଶ ଓ ଦେଶପ୍ରେମ ସମ୍ପର୍କରେ ଆଲୋଚନା କରିଥିଲେ।

## ଆଜି ବିଶ୍ୱ ରେଡ଼ିଓ ଦିବସ

# ଏବେ ବି ଅତୁଟ ରେଡିଓର ବିଶ୍ୱସନୀୟତା

ସୁବଳୟା, ୧୨।୨(ସମିସ)

ଅତ୍ୟାଧୁନିକ ଡିଜିଟାଲ ଯୁଗରେ ମଧ୍ୟ ରେଡିଓର ଆଦର କମିନି। ଡିଟିଏଚ୍ ଓ ମୋବାଇଲ ଫୋନରେ ମଧ୍ୟ ରେଡିଓ ଶୁଣି ହେଉଛି। ଇଟାଲୀ ବୈଜ୍ଞାନିକ ମାର୍କୋନୀଙ୍କ ଏହି ଅବଦାନ ଆଜି ଜନମାନସରେ ସ୍ମରଣୀୟ ହୋଇରହିଛି। ୟୁନେସ୍କୋର ୩୬ତମ ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ପ୍ରତି ବର୍ଷ ଫେବୃଆରୀ ୧୩ରେ ସାରା ବିଶ୍ୱରେ ରେଡ଼ିଓ ଦିବସ ପାଳିତ ହୋଇଆସୁଛି। ୨୦୧୧ରୁ ଏହି ଦିବସ ପାଳିତ ହେଉଛି। ଆଜି ବି ଓଡ଼ିଶାର ଗ୍ରାମାଞ୍ଚଳରେ ବହୁ ସଂଖ୍ୟାରେ ରେଡ଼ିଓ ଶ୍ରୋତା ରହିଛନ୍ତି। ସେହିପରି ଜଣେ ଶ୍ରୋତା ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ନିପଟ ମଫସଲ ବଡବଡାକଟା ଗାଁର ବାସିନ୍ଦା ସୁଦାମ ଗାଇଗାରିଆ। ଆଜିକୁ ୨୫ ବର୍ଷ ହେବ ସେ ଓଡ଼ିଶାର ବିଭିନ୍ନ ରେଡିଓ କେନ୍ଦ୍ରର କାର୍ଯ୍ୟକ୍ରମ ଶୁଣିବା ସହ ପ୍ରତ୍ୟକ୍ଷ ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଜଡ଼ିତ ମଧ୍ୟ ହୋଇପାରିଛନ୍ତି। ସେ ବଲାଙ୍ଗିର, ସମ୍ବଲପୁର, କଟକ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ନିୟମିତ ଶୁଣିବା ସହ ନିଜର ମତାମତ ମଧ୍ୟ ଦେଇଥାନ୍ତି। ସେ ରାଜ୍ୟର ଅନେକ ଶ୍ରୋତା ସଂଘ ସହ ଜଡ଼ିତ ରହି ଅନେକ ଥର ସମ୍ମାନିତ ହୋଇଛନ୍ତି। ତାଙ୍କ କହିବା ଅନୁସାରେ, ରେଡିଓରୁ ଅନେକ ଶିକ୍ଷା, ସୂଚନା ସହ ମନୋରଞ୍ଜନ ମଧ୍ୟ ମିଳିଥାଏ। ସେହିଭଳି ଆଉ ଜଣେ ନିୟମିତ୍ର ଶ୍ରୋତା ହେଲେ ଉଲ୍ଲୁଣ୍ଡା ବ୍ଲକ ଜୟପୁର ଗ୍ରାମର ଚୈତନ୍ୟ ଭୁକ୍ତା। ସେ ୨୦୦୧ରୁ ନିୟମିତ ଭାବେ ରେଡିଓ ଶୁଣିବା ସହ ନିୟମିତ ଭାବେ ମତାମତ ମଧ୍ୟ ଦେଇଥାନ୍ତି। ସେ ଲୋକଗୀତ, ଆଳାପ, କୃଷି, ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଶୁଣିଥାନ୍ତି। ସେ ରେଡିଓରେ ପ୍ରସାରିତ ନାଟକରେ ରୁଚି ରଖୁଥିବା କୁହନ୍ତି। ରେଡିଓକୁ ଆଦର କଲେ ପରବର୍ତ୍ତି ପିଢ଼ି ଅନେକ କଥା ଶିଖି ପାରିବେ ବୋଲି ସେ ମତ ଦେଇଛନ୍ତି।



## ୧୪ରୁ ଜୁନାଗଡ଼ ଉତ୍ସବ

**ଜୁନାଗଡ଼,୧୨ ।୨(ସମିସ):** ଜୁନାଗଡ଼ ସହରର ହାଇସ୍କୁଲ ଖେଳ ପଡ଼ିଆରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ୧୪ରୁ ଜୁନାଗଡ଼ ମହୋତ୍ସବ ଆୟୋଜନ କରାଯାଇଛି । ଏହି ଉତ୍ସବରେ ସ୍ଥାନୀୟ ଲୋକକଳା ଘୁମୁରା, ବଜାସାଲ, ବନାବାଡି, ଢାପ, ଘୁଡୁକା ସହ ରାଜ୍ୟ ତଥା ବାହାର ରାଜ୍ୟର ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତା, ପଥ ଉତ୍ସବ, କ୍ରିକେଟ, ଫୁଟବଲ ମ୍ୟାଚ ହେବ। ହାଇସ୍କୁଲ ଖେଳାପଡ଼ିଆର ମା' ଲଙ୍କେଶ୍ୱରୀ ମଞ୍ଚ ନିର୍ମାଣ ସହ ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ ଚାଲିଛି ।

## ଷୋହଳପ୍ରହର ନାମଯଜ୍ଞ ସମାପନ

**ଚାରବାହାଲ,୧୨ ।୨(ସମିସ):** ଚାରବାହାଲ ପଞ୍ଚାୟତ ଧନେର ଗାଁରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ବୁଧବାର ଶେଷ ହୋଇଛି । ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଷୋହଳ ପ୍ରହର ନାମଯଜ୍ଞରେ ପୁରୋହିତ ଭାବେ ଶ୍ରୀପତି ଠାକୁର ପୂଜା ଦାୟିତ୍ୱ ତୁଲାଇଥିବା ବେଳେ ଯଜ୍ଞକର୍ତ୍ତା ଭାବେ ପରମେଶ୍ୱର ନାଏକ ଓ ତାଙ୍କ ପତ୍ନୀ ଜୟନ୍ତୀ ନାଏକ ପୂଜା କାର୍ଯ୍ୟ ତୁଲାଇଥିଲେ । ରବି ଚନ୍ଦ୍ର ସାହୁ, ଧର୍ମେନ୍ଦ୍ର ନାଏକ, ଦୁର୍ବଳ ରଣା, ଗଗନ ସାହୁ, ରାହାସ ରଣା, ହରିଛନ ମାଝୀଙ୍କ ସମେତ ଗ୍ରାମବାସୀଙ୍କ ନେତୃତ୍ୱରେ ଏହି ଯଜ୍ଞ କାର୍ଯ୍ୟ ସମାପନ ହୋଇଛି । ୮ ଟି ସଂକୀର୍ତ୍ତନ ଦଳ ଭାଗ ନେଇ ନାମ ସଂକୀର୍ତ୍ତନ କରିଥିଲେ । ସଭାପତି ଗୋପାଳ ମାଝୀ ଓ ସମ୍ପାଦକ ପବିତ୍ର ମୋହନ ସାହୁ ସହଯୋଗ କରିଥିଲେ ।

## 'ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ନାଟକ'

ଭବାନୀପାଟଣା, ୧୨ ।୨ (ସମିସ): ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ନାଟକ । ସ୍ଥାନୀୟ ସଂସ୍କାର ଭାରତୀ ଦ୍ୱାରା ଆୟୋଜିତ ଭରତ ମୁନି ସ୍ମୃତି ସଭାରେ ଏହି ମତ ପ୍ରକାଶ ପାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଭାସ ଚନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ଭାବେ ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥି ଭାବେ ହରେକୃଷ୍ଣ ଭୋଇ ଯୋଗ ଦେଇଥିଲେ । ପ୍ରୀତି ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ହରିଶ ମୁଣ୍ଡଙ୍କ ପରିଚାଳନାରେ ଦୀପମନ୍ତ୍ର ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉମେଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ ସମେତ ଶାନ୍ତିପାଠ ଉଚ୍ଚାରଣ କରିଥିଲେ ।

### ଆନ୍ତଃରାଜ୍ୟ ଚୋର ଗିରଫ

# ଦିନବେଳା କବାଡ଼ିଆ; ରାତିରେ ଚୋରି

**ବଲାଙ୍ଗିର,୧୨।୨(ସମିସ)**



ବଲାଙ୍ଗିରସଦର ପୁଲିସ ହାବୁଡରେ ପଡିଛନ୍ତି ବିଦ୍ୟୁତ୍ ତାର ଚୋର । ବଲାଙ୍ଗିର ଜିଲ୍ଲାରୁ ଏକ ବଡ ଧରଣର ଚୋରି କରି ରାଜ୍ୟ ବାହାରକୁ ଚାଲାଣ କରିବାକୁ ଉଦ୍ୟମ କରୁଥିବା ବେଳେ ବଲାଙ୍ଗିର ପୁଲିସ ସେମାନଙ୍କୁ ଧରିଛି । ଗିରଫ ଅଭିଯୁକ୍ତମାନେ ଉତ୍ତରପ୍ରଦେଶ ରାଜ୍ୟ ଗାଜିଆବାଦର ଜାବେଦ ମଲ୍ଲିକ, ଫୈଜଲ ମଲ୍ଲିକ ଓ ସମ୍ବଲପୁର ମୋଦୀପଡାର ଶିବ ଶର୍ମା । ସେମାନଙ୍କ ଠାରୁ ୫୩ ବଣ୍ଡଲ ବିଦ୍ୟୁତ୍ ତାର ଜବତ କରାଯାଇଛି ଯାହା ୬ କିମି ଲମ୍ବ ହେବ ବୋଲି କୁହାଯାଉଛି । ଚୋରୀ କରିଥିବା ତାର ରାୟପୁର ଚାଲାଣ କରିବାକୁ ପ୍ରସ୍ତୁତ କରାଯାଉଥିବା ବେଳେ ପୁଲିସ ସେମାନଙ୍କୁ ଧରିଥିବା ବଲାଙ୍ଗିର ଏସ୍‌ଡିପିଓ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ।

ମିଳିଥିବା ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ସଦର ଥାନା ଅର୍ନ୍ତଗତ ଜାମୁଟିଆ, ସିନ୍ଧୁବାହାଲ, ଦୁଆନପାଲି ଅଞ୍ଚଳରୁ ବ୍ୟାପକ ପରିମାଣରେ ୩୩ କେଭି ବିଦ୍ୟୁତ୍ ତାର ଚୋରି ହେଉଥିବା ଅଭିଯୋଗ ହୋଇଥିଲା । ପୁଲିସ ଚୋରି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ଏହି ଘଟଣାରେ କିଛି ଆନ୍ତଃରାଜ୍ୟ ଚୋର ସାମିଲ ଥିବା ଜାଣିବାକୁ ପାଇଥିଲା । ଚୋରମାନେ ଦିନବେଳା କବାଡି କାମ କରି ରାତିରେ ଚୋରି କରୁଥିଲେ । ଚୋରି କରିଥିବା ସାମଗ୍ରୀକୁ ବଲାଙ୍ଗିର ସହରର ଉଦୟନଗର ଠାରେ ଥିବା ଏକ ଘରେ ରଖୁଥିଲେ । ବିଦ୍ୟୁତ୍ ତାରକୁ ରାୟପୁର ଚାଲାଣ କରିବାକୁ ସେମାନେ ପ୍ରସ୍ତୁତି କରୁଥିବା

**୮ ଲକ୍ଷ ଟଙ୍କାର ବିଦ୍ୟୁତ୍ ତାର ଜବତ**

ବେଳେ ସଦର ପୁଲିସ ମାଡିବସିଥିଲା । ବିଦ୍ୟୁତ୍ ତାର ଜବତ କରିବା ସହିତ ଚୋରମାନଙ୍କୁ ଗିରଫ କରିଥିଲା ।ଜବତ ହୋଇଥିବା ତାରର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ଅଭିଯୁକ୍ତମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ରହିଛି ।

## ହାଇୱାକୁ ପିଟିଲା ବାଇକ୍, ଜଣେ ମୃତ

ଲୋଇସିଂହା,୧୨ ।୨(ସମିସ): ବଲାଙ୍ଗିର ବରଗଡ଼ ଜାତୀୟ ରାଜପଥ ସ୍ଥିତ ରୁଗୁଡିଖାଲ ଛକ ନିକଟରେ ସଡ଼କ ଦୁର୍ଘଟଣା ଘଟିଛି ।ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ହାଇୱା ଗାଡ଼ିକୁ ବାଇକ ପଛପଟୁ ଧକ୍କା ଦେବା ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ମୃତ ଯୁବକ ବେହ୍ରା ଗ୍ରାମର ରାଜେନ୍ଦ୍ର ମହାକୁର (୩୨) । ଖବର ପାଇ ଲୋଇସିଂହା ପୁଲିସ ଶବକୁ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି ।ହାଇୱା ଗାଡ଼ିକୁ ଜବତ କରିବା ସହିତ ଅଧିକ ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

## ହୋଟେଲରେ ଦେହବେପାର ,୩ ଅଟକ

**ବଲାଙ୍ଗିର,୧୨।୨(ସମିସ):**ବଲାଙ୍ଗିର ସହର ରାଜେନ୍ଦ୍ର ପାର୍କ ନିକଟସ୍ଥ ଏକ ହୋଟେଲରେ ଚଢ଼ଉ କରି ସେକ୍ସ ରାକେଟ ଧରିଛି ଟାଉନ ପୁଲିସ ।ଏହି ଘଟଣାରେ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୩ ଜଣ ଯୁବକଙ୍କୁ ଅଟକ ରଖିଛି । ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ବିଳମ୍ବିତ ରାତିରେ ବଲାଙ୍ଗିର ସହର ରାଜେନ୍ଦ୍ର ପାର୍କ ନିକଟସ୍ଥ ଏକ ହୋଟେଲରେ ଦେହ କାରବାର ଚାଲିଥିବା ବଲାଙ୍ଗିର ପୁଲିସ ଖବର ପାଇ ତୁରନ୍ତ ଚଢଉ କରିଥିଲା । ଉଦ୍ଧାର ହୋଇଥିବା ଯୁବତୀ କଟକ ଅଞ୍ଚଳର ବୋଲି ଜଣାପଡିଥିବା ବେଳେ ଅଟକ ଯୁବକମାନେ କନ୍ଧମାଳ ଜିଲ୍ଲାର ବୋଲି ଜଣାପଡିଛି । ସେମାନେ ପାଟଣାଗଡ଼ ଅଞ୍ଚଳର ଜଣେ ରାଣୀ ମହୁମାଛି ଯିଏକି ବର୍ତ୍ତମାନ ଭୁବନେଶ୍ୱରରେ ରହୁଛନ୍ତି ତାଙ୍କର ସମ୍ପର୍କରେ ଆସିଥିବା କୁହାଯାଉଛି । ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ।

## କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରବନ୍ଧନ ସମିତି ବୈଠକ



**ବୌଦ୍ଧ,୧୨ ।୨(ସମିସ):** ବୌଦ୍ଧ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ପ୍ରବନ୍ଧନ ସମିତିର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତି ଅଧ୍ୟକ୍ଷ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଅଧ୍ୟକ୍ଷ ସନକ ମେହେର ସମିତି ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆର ସିଂ, ମାଧବ ଅଗ୍ରୱାଲ, ଶ୍ରଦ୍ଧାଞ୍ଜଳି ମେହେର, ମନବୋଧ ବିଶି ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ ଧନ୍ୟବାଦ୍ ଜ୍ଞାପନ କରିଥିଲେ ।

## ସୁରଧନୁ ହାଇସ୍କୁଲର ବାର୍ଷିକ ଉତ୍ସବ



**ଦେଓଗାଁ,୧୨ ।୨(ସମିସ)** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ କୁତୁର୍ଲା ସୁରଧନୁ ଉଚ୍ଚ ବିଦ୍ୟାଳୟରେ ବୁଧବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲିପ ସାହୁଙ୍କ ସଭାପତିତ୍ୱ ଓ ସହକାରୀ ଶିକ୍ଷକ ପାଣ୍ଡବ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଦାମୋଦର ନାୟକ,ମୁଖ୍ୟବକ୍ତା ଭାବେ କସରତ ହର୍ପାଲ, ସମ୍ମାନିତ ଭାବେ ଗିରିଶ ଚନ୍ଦ୍ର ପଣ୍ଡା, ବିଜୟ କୁମାର ମହାନ୍ତି, ଦିଲିପ କୁମାର ମହାରଣା, ରଜନୀକାନ୍ତ ପ୍ରଧାନ, ପରିଚାଳନା କମିଟୀ ସଭାପତି ସଞ୍ଜିବ ପଧାନ ପ୍ରମୁଖ ଯୋଗଦେଇଥିଲେ ।ଶୃଙ୍ଖଳିତ ଓ ସମୟାନୁବର୍ତ୍ତିତା ହୋଇ ପାଠ ପଢା ଉପରେ ଧ୍ୟାନ ରଖିଲେ ଏକ ସଫଳ ବ୍ୟକ୍ତିତ୍ୱ ଭାବେ ପରିଗଣିତ ହେବା ସୁନିଶ୍ଚିତ ବୋଲି ଅତିଥି ବୃନ୍ଦ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଖେଳ ଶିକ୍ଷକ ଗୋପାଳ ଚନ୍ଦ୍ର ବସ୍ତିଆ ଧନ୍ୟବାଦ ଦେଇଥିଲେ । ପରେ କୁମାରୀ ଜ୍ୟୋତିର୍ମୟୀ ପଧାନ ଓ ମନିଶା ବୁଡେକଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଦେଷଣ୍ଡ ଚାନ୍ଦିଲି ପାହାଡ଼କୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା

**ଦେଓଗାଁ,୧୨ ।୨(ସମିସ)** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଦେଷଣ୍ଡ ଚାନ୍ଦିଲି ପାହାଡ଼କୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଛି । ରାଜ୍ୟ ସରକାର ରାଜ୍ୟର ୨୦ଟି ସ୍ଥାନକୁ ଚିହ୍ନଟ କରି ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ଦେଇଛନ୍ତି ।ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ବିଭାଗ ସମର୍ଥ ବର୍ମାଙ୍କ ପତ୍ର ସଂଖ୍ୟା ୨୨୬୧/୨୦୨୫ ରେ ସଂପୃକ୍ତ ଜିଲ୍ଲାପାଳଙ୍କୁ ଦେଇଥିବା ପତ୍ରରେ ବଲାଙ୍ଗିର ଜିଲ୍ଲାର ଚାନ୍ଦିଲିପାହାଡ଼ ସ୍ଥାନ ପାଇଛି ।ସ୍ଥାନୀୟ ବିଧାୟକ,ନେତୃ ମଣ୍ଡଳୀ ତଥା ଅଞ୍ଚଳବାସୀଙ୍କ ଦୀର୍ଘ ବର୍ଷର ଉଦ୍ୟମ ପରେ ଏହି ସ୍ଥଳକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତ ଦେଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିବାସହ ରାଜ୍ୟ ସରକାର, ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କୁ ଚାନ୍ଦିଲି ପାହାଡ ମହୋତ୍ସବ କମିଟୀ ତଥା ଅଞ୍ଚଳବାସୀଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ପ୍ରକାଶ ଯେ, ଏହି ଐତିହ୍ୟ ପୂର୍ଣ୍ଣ ପ୍ରକୃତିଭରାସ୍ଥଳୀକୁ ପର୍ଯ୍ୟଟନସ୍ଥଳୀ ଭାବେ ଘୋଷଣା କରିବାପାଇଁ ବାରମ୍ବାର ଦାବି ହୋଇ ଆସୁଥିବା ସହ ଏଠାରେ



ଆଜକୁ ୮ ବର୍ଷରୁ ଉର୍ଦ୍ଧ୍ୱ ହେଲା ପ୍ରତିବର୍ଷ ମହୋତ୍ସବ ଆୟୋଜନ ହୋଇଆସୁଛି । ଏହାର ବିକାଶ ପାଇଁ ପୂର୍ବ ସରକାର ସମୟରେ ୩.୫ କୋଟି ଟଙ୍କା ବ୍ୟୟରେ ମୁଖ୍ୟପୂର୍ତ୍ତ ରାସ୍ତା ଠାରୁ ଚାନ୍ଦିଲି ପାହାଡକୁ ରାସ୍ତା ନିର୍ମାଣ ଚାଲିଥିବା ବେଳେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ଏକକୋଟି ଟଙ୍କା ବ୍ୟୟରେ ପାହାଡ ଉପରକୁ ପାହାଚ ନିର୍ମାଣ, ବିଦ୍ୟୁତିକରଣ, ମଣ୍ଡପ ନିର୍ମାଣ ଆଦି କାମ ଚାଲୁରହିଛି । ଏହା ସହ ନିକଟସ୍ଥ ମେହେର କଟାର ଉନ୍ନତିକରଣ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ୬ କୋଟି ୭୬ ଲକ୍ଷ ଟଙ୍କାର ବସ୍ତୁତି ପ୍ରକଳ୍ପ ବିବରଣୀ ରାଜ୍ୟ ସରକାରଙ୍କୁ ପଠାଯାଇଛି ।

## ଟିମନପୁର ସେବାଶ୍ରମର ବାର୍ଷିକ ଉତ୍ସବ

**ସିନାପାଲି,୧୨।୨( ସମିସ)** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ଟିମନପୁର ସେବାଶ୍ରମରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସେବାଶ୍ରମ ପ୍ରଧାନଶିକ୍ଷକ ମନୋଜ କୁମାର ହୋତାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝି ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ଶିକ୍ଷାବିତ ଅତୁଲ କୁମାର ସୂପକାର, ସମ୍ମାନିତ ଅତିଥି ଭାବରେ ସିନାପାଲି ବ୍ଲକ ମଙ୍ଗଳ ଅଧିକାରୀ ସୁନୀଲ କୁମାର ସାମଲ, ବୋଡ଼େନ ବ୍ଲକ ମଙ୍ଗଳ ଅଧିକାରୀ କ୍ଷଣପ୍ରଭା ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ଦଣ୍ଡସେନା, ଡମଝର ସେବାଶ୍ରମର ପ୍ରଧାନଶିକ୍ଷକ ବସନ୍ତ ବାଗଚି, ଟିମନପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କୁଳଚନ୍ଦ୍ର ନାଏକ, ପରିଚାଳନା କମିଟି ସଭାପତି ଟିକେରାମ ମାଝି ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ହୋଇଯାଇ ଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଓ ମଞ୍ଚ ପରିଚାଳନା ବରିଷ୍ଠ ଶିକ୍ଷକ ପରେଶନାଥ ପାଣିଗ୍ରାହି ପରିଚାଳନା କରିଥିବା ବେଳେ ଉଦୟ ସିଂ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯକ୍ରମରେ ମିତ୍ରଭାନୁ ମେହେର, ସାଧୁଚରଣ ମେହେର, ବ୍ରହ୍ମାନନ୍ଦ ସା, ପୂର୍ଣ୍ଣଚନ୍ଦ୍ର ମେହେର, ଭରତ ମାଝି, ବାସନ୍ତୀ ନାଏକ, ତାରାବତି ନାଏକ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା ।

## ୨ ଶିଶୁଙ୍କ ଜୀବନ୍ତଦଗ୍ଧ ଘଟଣାର ତଦନ୍ତ

**ଲାଞ୍ଜିଗଡ଼,୧୨ ।୨(ସମିସ) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଜେପୁର ଥାନା ଲାଖବାହିଲି ପଞ୍ଚାୟତ ତାଳବୋରା ଗାଁରେ ମଙ୍ଗଳବାର ପାଳକୁଡ଼ିଆରେ ନିଆଁ ଲାଗି ୨ ଶିଶୁଙ୍କ ଜୀବନ୍ତଦଗ୍ଧ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଲାଞ୍ଜିଗଡ ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ ଓ ବିଜେପୁର ଥାନା ଅଧିକାରୀ ନିଳାମ୍ବର କହଁର ଗାଁରେ ପହଞ୍ଚି ତଦନ୍ତ କରିବା ସହ ବାପା ମାଆଙ୍କୁ ପଚାରି ବୁଝିଛନ୍ତି ।



ତାଳବୋରା ଗାଁର କତାନା ମାଝୀ ଓ ସୁଶାରୀ ମାଝୀଙ୍କ ୫ ବର୍ଷର ଝିଅ ଦୀପ୍ତି ମାଝୀ ଓ ୪ ବର୍ଷର ପୁଅ କାର୍ତ୍ତିକ ମାଝୀ ମଙ୍ଗଳବାର ସକାଳେ ଆଇ ସମ୍ବାରୀ ମାଝୀଙ୍କ ସହ ଗାଁ ନିକଟ କାନ୍ଦୁଲ ଗୁଡ଼ିଆକୁ ଯାଇଥିଲେ । ସେଠାରେ ଥିବା ଏକ ଅସ୍ଥାୟୀ ପାଳକୁଡ଼ିଆରେ ବସି ଖେଳୁଥିଲେ । ଏହି ଦୁଇ ଶିଶୁଙ୍କୁ ଛାଡ଼ି କିଛି ଦୂରରେ ସମ୍ବାରୀ କାଠ ସଂଗ୍ରହ କରୁଥିଲେ । ଏହି ସମୟରେ ପାଳକୁଡ଼ିଆର ସାମ୍ନାରେ ପୂର୍ବରୁ ଲାଗିଥିବା ନିଆଁ ପବନ ଦ୍ୱାରା ହଠାତ୍ କୁଡିଆରେ ନିଆଁ ଲାଗିଯାଇଥିଲା । ପିଲାଙ୍କ ଚିତ୍କାର ଶୁଣି ସମ୍ବାରୀ ଆସିଲା ବେଳକୁ ଦୁଇଶିଶୁ ଜୀବନ୍ତ ଦଗ୍ଧ ହୋଇ ସାରିଥିଲେ । ଖବର ପାଇ ଗାଁ ଲୋକେ ସମେତ ବାପା-ମାଆ ପହଞ୍ଚିଥିଲେ । ଦୁଇ ଶିଶୁଙ୍କୁ ହରାଇବା ପରେ ବାପା-ମାଆଙ୍କ ଆଖିରୁ ଲୁହ ଶୁଖୁ ନ ଥିଲା । ତେବେ ସରକାରୀ ନିୟମ କାନୁନ ସମ୍ପର୍କରେ ଜାଣି ନ ଥିବାରୁ ପୁଲିସକୁ ସେମାନେ ସୂଚନା ନ ଦେଇ ଗାଁ ମଶାଣିରେ ଶବ ସତ୍କାର କରି ଦେଇଥିଲେ । ଏହି ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇବା ପରେ ପୁଲିସ ଜାଣିବାକୁ ପାଇଥିଲା ।

## ଉପାନ୍ତ ନଳାଚୁଆରେ ଦୂର ହେବ ପାନୀୟ ଜଳ ସମସ୍ୟା

**ଜୟପାଟଣା,୧୨ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ୍ ଧନସୁଲି ପଞ୍ଚାୟତ ଉପାନ୍ତ ଅଞ୍ଚଳ ନଳାଚୁଆ ଗାଁରେ ଦୀର୍ଘ ଦିନ ହେଲା ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏହା ବର୍ତ୍ତମାନ ଦୂର ହେବାକୁ ଯାଉଛି । ସ୍ଥାନୀୟ ସରପଞ୍ଚ କୈଳାସ ସାହୁଙ୍କ ଉଦ୍ୟମରେ ଗାଁରେ ଏକ ନଳକୂପ ଖନନ କାର୍ଯ୍ୟ ସମ୍ପାଦନ ହୋଇଛି । ଏହାକୁ ନେଇ ନଳାଚୁଆବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଗାଁର ପାନୀୟ ଜଳ ସମସ୍ୟା ନେଇ ଲୋକେ ଅସନ୍ତୁଷ୍ଟ ଥିଲେ । ଶେଷରେ ଏହାର ସମାଧାନ କରାଯାଇଛି । ତେବେ ଗାଁର ରାସ୍ତା ସମସ୍ୟା ରହିଛି । ଏହି ସମସ୍ୟା ମଧ୍ୟ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ନିଆରା ଢଙ୍ଗରେ ପାଳିତ ହେଲା ବାର୍ଷିକ ଉତ୍ସବ

**ଲାଞ୍ଜିଗଡ,୧୨ ।୨(ସମିସ)**




କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ମଧୁପୁରସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ତେବେ ଏହି ବାର୍ଷିକ ଉତ୍ସବ ସଂପୂର୍ଣ୍ଣ ନୂଆ ଓ ନିଆରା ଥିଲା । ବିଦ୍ୟାଳୟର ଅନ୍ତେବାସୀ ଛାତ୍ରୀ ହିଁ ଅତିଥି ଥିଲେ । ସେହିଭଳି ବାର୍ଷିକ ବିବରଣୀ ପଢିବା ସହ ସମଗ୍ର ଉତ୍ସବକୁ ଛାତ୍ରୀମାନେ ହିଁ ପରିଚାଳନା କରିଥିଲେ । ଛାତ୍ରୀ ମନ୍ତ୍ରୀମଣ୍ଡଳ ଦ୍ୱାରା ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା ।

ମୁଖ୍ୟ ଅତିଥି ଭାବେ ଛାତ୍ରୀ ମନ୍ତ୍ରୀ ମଣ୍ଡଳର ମୁଖ୍ୟମନ୍ତ୍ରୀ ଜାନକୀ ବିଭାର,

### ମଧୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ମୁଖ୍ୟବକ୍ତା ଭାବେ ଉପମୁଖ୍ୟ ମନ୍ତ୍ରୀ ତୁଳାବତୀ ପୁଟା, ସମ୍ମାନିତ ଅତିଥି ଭାବେ ଶିକ୍ଷା ମନ୍ତ୍ରୀ ଶ୍ରୁତି ହରିଜନ, ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ ଅମୃତ ମିର୍ଦ୍ଧା, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ଅନ୍ନ ପାତ୍ର, ପରିବେଶ ମନ୍ତ୍ରୀ କୁମୁଦିନୀ ହରିଜନ, ଖାଦ୍ୟ ମନ୍ତ୍ରୀ ମାଧବୀ ପାତ୍ର, ସୂଚନା ଓ ଶିଶୁ ସାମ୍ବାଦିକ ମନ୍ତ୍ରୀ କବିତା ହରିଜନ ପ୍ରମୁଖ ଅତିଥି ଭାବେ ଉତ୍ସବରେ ମଞ୍ଚାସୀନ ଥିଲେ । ଏହି ଅବସରରେ ଛାତ୍ରୀ ମନ୍ତ୍ରୀ ମଣ୍ଡଳର ନିହାରିକା ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ । ତୁଳାବତୀ ପୁଟା ବାର୍ଷିକ ବିବରଣୀ ପାଠ କରିଥିଲେ । ସେହିପରି ମନୀଷା ଦୁର୍ଗା ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ତେବେ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ ଦାସ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମହାପ୍ରସାଦ ଦାସ, ମଣ୍ଡଳ ଶିକ୍ଷା ନିରୀକ୍ଷକ କୈଳାସ ଚନ୍ଦ୍ର ମହାରଣା, ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀ ମନୀଷା ଦୁର୍ଗା ଓ ନିହାରୀକା ବିଶ୍ୱାଳ ମଞ୍ଚ ସଂଯୋଜନା କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ସତ୍ୟବାଦୀ ନାଏକ, ମାମିନା ସାହୁ, ସସ୍ମିତା ସାହୁ, ନମିତା ମାଝୀ, ପାର୍ଥ ଶବର, ଦିଲ୍ଲୀପ ସାହୁ, କାମସେନ ଭୋଇ, ସାରିକା ପଣ୍ଡା, ସୁଧାଂଶୁ ଶେଖର ସାସମଲ, ବସନ୍ତ ପାଣ୍ଡେ, ସୋନାଲିକା ପାଢୀ, ନୂରବତୀ ମାଝୀ ପରିଚାଳନା କରିଥିଲେ । ସେହିପରି ମାଳତୀ ଛତ୍ରିଆ, ରୁକ୍ମିଣୀ ସାହୁ, କୁସୁମ ପ୍ରଧାନ, ପ୍ରଶାନ୍ତ ନାଏକ, ମକରଧ୍ୱଜ ପୁଟେଲ, ଟଙ୍କଧର ପୁଟେଲ, ମଞ୍ଜୁ ମାଝୀ, ରଜନୀ ମାଝୀ, ବୃନ୍ଦାବତୀ ମାଝୀ ଓ ସଜନା ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

## ମିଶନ ଶକ୍ତି ମହିଳାଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ନୂଆପଡା/କୋମନା, ୧୨।୨ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ନାସକମ ଫାଉଣ୍ଡେସନ ତରଫରୁ ମିଶନ ଶକ୍ତି ମହିଳାମାନଙ୍କୁ ନେଇ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ସ୍ୱଂୟ ସହାୟକ ଦଳର ମହିଳା ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଡିଓ ହେମନ୍ତ କୁମାର ପୁଟା ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥିଭାବେ ରେଞ୍ଜର ଦେବଦତ ସୁତାର, ମିଶନ ଶକ୍ତିର ବ୍ଲକ ସଂଯୋଜକ ସ୍ମୃତି ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଡିଜିଟାଲ ଲିଟରେସିର କିପରି ଦୈନନ୍ଦିନ ଜୀବନରେ ଆବଶ୍ୟକତା ରହିଛି, ସେ ଉପରେ ମାର୍ଗଦର୍ଶନ କରିଥିଲେ । ନାସକମ ଫାଉଣ୍ଡେସନର ଓଡ଼ିଶା କ୍ଲଷ୍ଟର ଅଫିସର ସୁଶାନ୍ତ କୁମାର ମଣ୍ଡଳ ଡିଜିଟାଲ ଲିଟେରାସିର ଆବଶ୍ୟକତା ଉପରେ ଉପସ୍ଥାପନା କରିଥିଲେ । କୋମନା ବ୍ଲକ ମାଷ୍ଟର ଟ୍ରେନର ପ୍ରବୀର ନାୟକ ଡିଜିଟାଲ ପାଠ୍ୟକ୍ରମକୁ ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥାପନା କରିଥିଲେ ।

### ● ୩୩ତମ ବନ୍ଧ ଗୋସେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଦିଆନମୁଣ୍ଡାକୁ ହରାଇ ବୁଦ୍ଧିକୋମନା ଚାମ୍ପିଅନ




**ନୂଆପଡା, ୧୨।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଖଇର ଭାଡ଼ି ଗାଁରେ ଚାଲିଥିବା ୩୩ତମ ବନ୍ଧ ଗୋସେନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଫାଇନାଲ ଖେଳରେ ଦିଆନମୁଣ୍ଡା ଦଳକୁ ହରାଇ ବୃଦ୍ଧିକୋମନା ଦଳ ଚାମ୍ପିଅନ ହୋଇଛି । ଚାମ୍ପିଅନ ଦଳକୁ ୧୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି ।

ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଯୋଷୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ସନ୍ତୋଷ ସୁପକାର, ଜୟରାମ ଅହୀର, ନିମିଚାନ୍ଦ ଅହୀର, କୌମଣ୍ଡଳ ମାଝୀ, ରୁକସାନା ବାନୋ, ନିରାକାର ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଭାବରେ ତପେଶ୍ୱର ମାଝୀ, ବୈଚନ ମାଝୀ ଦାୟିତ୍ୱ ତୁଲାଇଥିବା ବେଳେ ଯୋଗେନ୍ଦ୍ର ବିଶ୍ୱାଳ ଧାରାବିବରଣୀ ପ୍ରଦାନ କରିଥିଲେ ।

ଘନଶ୍ୟାମ ମାଝୀ ସ୍କୋରର ଭାବେ ସହାୟତା କରିଥିଲେ । ପରିଚାଳନାରେ କମିଟି ତରଫରୁ କୃପାସାଗର ମାଝୀ, ତପେଶ୍ୱର ମାଝୀ, ବୈଷ୍ଣବ ମାଝୀ, ଭୁବନ ପୁଝାରୀ, ନରେନ୍ଦ୍ର ପୁଝାରୀ, ସୁମନ୍ତ ମାଝୀ, ମୁକେଶ ମାଝୀ, କୁଷ୍ଣ ପରାଭୁଏ ପ୍ରମୁଖ ସହଯୋଗ କରିଥିଲେ ।

ବୃଦ୍ଧାଙ୍କ ୨୧ ମାସର ଭତ୍ତା ଖାଇଯିବା ପ୍ରସଙ୍ଗ

# ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଦଳିତ ଅଧିକାର ମଞ୍ଚର ଗଣଧାରଣା



**ସିନାପାଲି, ୧୨ ।୨(ସମିସ)**

ସିନାପାଲି ବ୍ଲକ ସଦର ପଞ୍ଚାୟତରେ ୨୧ ମାସର ଭତ୍ତା ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ପରେ ଭତ୍ତା ଟଙ୍କା ଅନିୟମିତତା କରିଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବହିଷ୍କାର ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନେଇ ସିନାପାଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦଳିତ ଅଧିକାର ମଞ୍ଚ ତରଫରୁ ସଭାପତି ପଦ୍ମନାଭଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା । ସିନାପାଲି ବିଡିଓ କାର୍ମୀ ଓରାମ ଧାରଣା ସ୍ଥଳକୁ ଆସି ବୁଝାସୁଝା କରି ୭ଦିନରେ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନକାରୀ ଧାରଣାରୁ ଉଠିଥିଲେ । ପ୍ରକାଶ ଯୋଗ୍ୟ ଯେ, ସିନାପାଲି ବ୍ଲକ ସଦର ପଞ୍ଚାୟତରେ ୨୧ ମାସର ଭତ୍ତା ଟଙ୍କା ବଣ୍ଟନରେ ଅନିୟମିତତା କରି ଟଙ୍କା ହଡ଼ପ କରିଥିବା କୁନ୍ତି ମେହେର ଅଭିଯୋଗ କରିଥିଲେ । ଉକ୍ତ ଘଟଣା ନେଇ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ପ୍ରଶାସନିକ ମହଲରେ ତତ୍ପରତା ଦେଖାଦେବା ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସିନାପାଲି ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ହୋଇଥିଲା । ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୩ଦିନରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଥିଲା । ହେଲେ ଉକ୍ତ ଘଟଣାକୁ ଚପାଇଦେବାକୁ ସମ୍ପୃକ୍ତ ଅଧିକାରୀମାନେ ଉଦ୍ୟମ କରୁଥିବା ଜଣାପଡ଼ିଥିଲା । କିଛିଦିନ ତଳେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏକତ୍ରିତ ହୋଇ ହିତାଧିକାରୀଙ୍କୁ ଭେଟି ଏକାଥରକେ ୨୧ ମାସର ଭତ୍ତା ଟଙ୍କା ପ୍ରଦାନ କରିଥିବା ଜଣାପଡିଛି । ଗତ ୨୪ ଡିସେମ୍ବରରେ ବିଧବା କୁନ୍ତି ଭତ୍ତା ଆବେଦନ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଗତ ୧୩ ଏପ୍ରିଲ ୨୦୨୩ ରେ ତାଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର ହୋଇଥିବା ଜାଣିପାରିଥିଲେ । ହେଲେ ଭତ୍ତା ବାବଦକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କିମ୍ବା ଜନପ୍ରତିନିଧି କିଛି ଜଣାଇ ନଥିବା ସେ ଅଭିଯୋଗ କରିଥିଲେ । ସେହି ସମୟରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ୩ଜଣଙ୍କ ବଦଳି ହୋଇ ସାରିଛି । ଏହି ଘଟଣା ବର୍ତ୍ତମାନ ସିନାପାଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଆଗାମି ଦିନରେ ଦୁର୍ନୀତି ଖୋର ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ବ୍ଲକ କାର୍ଯ୍ୟାଳୟକୁ ଘେରାଓ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ଧାରଣାରେ ଦଳିତ ଅଧିକାର ମଞ୍ଚର କର୍ମକର୍ତ୍ତା ଭୁଜବଳ ଜଗତ, ସୁବାସ ମେହେର, ଆଲିସା ତାଣ୍ଡି, ମାୟାଧର ଜଗତ, ଧର୍ମେନ୍ଦ୍ର ପଣ୍ଡାଙ୍କ ସମେତ ମଞ୍ଚର ଅନେକ କର୍ମକର୍ତ୍ତା ସାମିଲ ଥିଲେ ।

**ବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

**ସାତ ଦିନର ସମୟ ମାଗିଲା ପ୍ରଶାସନ**

# ଧିମାଗତିରେ ସାରାବଙ୍ଗ- ଅମାନାରା ବ୍ରିଜ୍ କାମ



**ନୂଆପଡ଼ା, ୧୨।୨ (ସମିସ):** ନୂଆପଡ଼ା ଜିଲ୍ଲା ସଦର ବ୍ଲକର ସାରାବଙ୍ଗ- ଅମାନାରା ରାସ୍ତା ଜୋଙ୍କ ନଦୀରେ ନିର୍ମାଣାଧୀନ ବ୍ରିଜ୍ କାମ ଧିମେଇ ଚାଲିଥିବାରୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ, ନୂଆପଡ଼ା ବ୍ଲକର ଅମାନାରା, କେନ୍ଦୁବାହାରା, ମୋଟା ନୂଆପଡ଼ା ଭଳି ଉପାନ୍ତ ଗ୍ରାମପଞ୍ଚାୟତ ଅଞ୍ଚଳକୁ ବ୍ଲକ ସଦର ମହକୁମା ସହ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବ୍ରିଜ୍ ଆଜିକୁ ଦୁଇ ବର୍ଷ ତଳେ ଲଗାଣ ବର୍ଷାରେ ଭାଙ୍ଗି ଉଜୁଡ଼ି ପଡିଥିବା ବେଳେ ଏଠାରେ ବିଜୁ ସେତୁ ଯୋଜନାରେ ଏକ ବ୍ରିଜ ନିର୍ମାଣ କାମ ଚାଲିଛି । ଏଥିସକାଶେ ଅନ୍ୟୁନ ୨୨କୋଟି ଟଙ୍କା ମଞ୍ଜୁର ହୋଇ ଆସିଛି । ନଦୀରେ କେବଳ କେତୋଟି ଖମ୍ବ କାମ ଆରମ୍ଭ କରାଯାଇଛି ସିନା କାମ ଧିମେଇ ଚାଲିଥିବା ପରିଲକ୍ଷିତ ହେଉଛି । ବିଭିନ୍ନ ସମୟରେ ବିଭାଗୀୟ ଯନ୍ତ୍ରୀ, ଅଧିକାରୀ ଏହା ଉପରେ ନଜର ଦେଇ କାମକୁ ତ୍ୱରାନ୍ୱିତ କରିବା ଜରୁରୀ ହୋଇପଡିଛି । ଉଲ୍ଲେଖଯୋଗ୍ୟ ଯେ, ଏହି ପୋଲ ନିର୍ମାଣ ସମୟରେ ଯାତାୟାତକୁ ସୁଗମ କରିବାକୁ ପୁରୁଣା ପୋଲ ରାସ୍ତାକୁ ମରାମତି କରି ବ୍ୟବହାର କରାଯାଉଛି । ହେଲେ ଏହା କେତେବେଳେ ଯେ ଭାଙ୍ଗିଯିବ, ତାକୁ ଏଡାଇ ଦେଇହେବନାହିଁ ।

## ଦୀର୍ଘ ବର୍ଷ ପରେ ବୌଦ୍ଧକୁ ଆସିଲେ ନୂଆ ପର୍ଯ୍ୟଟନ ଅଧିକାରୀ

**ବୌଦ୍ଧ, ୧୨ ।୨(ସମିସ):** ବୌଦ୍ଧ ଜିଲ୍ଲାର ନୂତନ ପର୍ଯ୍ୟଟନ ଅଧିକାରୀ ଭାବେ ପ୍ରଭାକର କହଁର ଯୋଗ ଦେଇଛନ୍ତି । ଶ୍ରୀ କହଁର ବୁଧବାର ଜିଲ୍ଲାପାଳ ସୁବ୍ରତ ପଣ୍ଡାଙ୍କୁ ସାକ୍ଷାତ କରି କାର୍ଯ୍ୟରେ ଯୋଗ ଦେଇଥିଲେ । ତେବେ ଶ୍ରୀ କହଁର ଏହା ପୂର୍ବରୁ ବାଲେଶ୍ୱର ପର୍ଯ୍ୟଟନ ଡିଭିଜନ କାର୍ଯ୍ୟାଳୟରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ଶ୍ରୀ କହଁର କାର୍ଯ୍ୟରେ ଯୋଗଦେବା ପରେ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ଡେପୁଟି କଲେକ୍ଟର ଶାଶ୍ୱତ ପ୍ରଧାନଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସୂଚନାଯୋଗ୍ୟ, ଦୀର୍ଘ ବର୍ଷରୁ ବୌଦ୍ଧ ଜିଲ୍ଲାରେ ପର୍ଯ୍ୟଟନ ଅଧିକାରୀ ପଦବୀ ଖାଲି ପଡ଼ିଥିଲା । ଜିଲ୍ଲାରେ ସ୍ଥାୟୀ ପର୍ଯ୍ୟଟନ ଅଧିକାରୀ ନିଯୁକ୍ତି ପାଇଁ ଦାବି ହୋଇଆସୁଥିଲା ।



## କୁଞ୍ଜାପାଲି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୁବଳୟା/ବୀରମହାରାଜପୁର, ୧୨ ।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଳା ପଞ୍ଚାୟତ ଅନ୍ତର୍ଗତ କୁଞ୍ଜାପାଲି ଆଶ୍ରମବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂହ ମୁଖ୍ୟଅତିଥି ଓ ବୀରମହାରାଜପୁର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଞ୍ଜୁଲତା ମିଶ୍ର ସମ୍ମାନୀତ ଅତିଥି, ଦୁର୍ଜନତୈଳା ସିଆରସିସି ଅଶୋକ କୁମାର ଲୁହା, ଆଶ୍ରମ ବିଦ୍ୟାଳୟର ପରିଚାଳନା କମିଟିର ସଭନେତ୍ରୀ ପ୍ରଭାତୀ ବଗର୍ତି ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ । ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିଲେ । ବିଦ୍ୟାଳୟ ର ବିଭିନ୍ନ କ୍ଷେତ୍ର କୃତିତ୍ୱଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁନିତା କାଣ୍ଡକବୁରୁ ଓ କ୍ରିଷ୍ଣା ରାନୀ ନାଏକ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ଶିକ୍ଷକ ଗିରିଧାରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ନବକୁମାର ପୋଥଲ, ଦିବ୍ୟଭଗବାନ ନାଏକ, ମାନସ କଲେତ, ସୁଜିତ କର୍ମୀ ଶତାବ୍ଦୀ ସ୍ମରଣିକା, ଜୟଶ୍ରୀ କର୍ଣ୍ଣ, ରଶ୍ମିତା ପଟେଲ, ରଷିନ ପଧାନ, ସପ୍ନ ସାଗର, ରଶ୍ମିତା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ବାର୍ଷିକ କ୍ରୀଡାରେ ଚାମ୍ପିଅନ ହୋଇଥିବା ମନାଏ ପୂର୍ତ୍ତି ବରିଷ୍ଠ ବାଳକ ବିଭାଗ ରେ ସୁନେଲି ପଟନିଆ ବରିଷ୍ଠ ବାଳିକା ବିଭାଗରେ ରତନ ମୁଣ୍ଡା କନିଷ୍ଠ ବାଳକ ବିଭାଗରେ ରନା ମୁଣ୍ଡା କନିଷ୍ଠ ବାଳିକା ବିଭାଗରେ ବାଳିକାଙ୍କୁ ମଧ କସ୍ତୁରୀ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇ ଥିଲା ।



ବିନିକା-ପାପକ୍ଷୟ ଲୋକମହୋତ୍ସବର ୨ୟ ସନ୍ଧ୍ୟା

## ବିନିକାର କଳା, ସଂସ୍କୃତି ପରମ୍ପରା ମହାନ

**ବିନିକା, ୧୨ ।୨(ସମିସ):** ବିନିକା ପାପକ୍ଷୟ ଲୋକ ମହୋତ୍ସବ ୨ୟ ସନ୍ଧ୍ୟାରେ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୀତାରାମ ସାହୁ ମୁଖ୍ୟଅତିଥି, ବରିଷ୍ଠ ଆଇନଜୀବୀ ଗୌରୀଶ୍ୟାମ ପଣ୍ଡା, ବଲାଙ୍ଗୀର ଜିଲ୍ଲା କେନ୍ଦ୍ରସମବାୟ ବ୍ୟାଙ୍କ ପୂର୍ବତନ ସଭାପତି ଲକ୍ଷ୍ମଣ ମେହେର, ଅବସରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖୀରାମ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରା ମହାନ ବୋଲି କହିଥିଲେ । ସଭାରେ କମିଟି ସଭାପତି ପ୍ରଶାନ୍ତ କୁମାର ଦଣ୍ଡସନା ଅଧକ୍ଷତା କରିଥିବା ବେଳେ ମଞ୍ଚ ପରିଚାଳନା ଶିକ୍ଷକ ହିମାଂଶୁ ଭୁଷଣ ପଣ୍ଡା, ସୌମ୍ୟ ରଞ୍ଜନ ପୂଜାରୀ ଓ ଶେଷରେ କମିଟି ସହ ସମ୍ପାଦକ ଉମାକାନ୍ତ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ । ଉଦ୍‌ଘୋଷିକା ଅଲିଶା, ସନ୍ଧ୍ୟା, ସୋନାଲି, ଦିପାସିଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରଗଡ଼ ଝଲକା ଅନୁଷ୍ଠାନ ତରଫରୁ ଲୋକନୃତ୍ୟ ପରିବେଷଣ ଦର୍ଶକଙ୍କୁ ମୁଗ୍ଧ କରିଥିବା ବେଳେ ବିନିକା ନୃତ୍ୟ ନିକେତନ ଅନୁଷ୍ଠାନ, ବାଳିକା ନୋଡାଲ ହାଇସ୍କୁଲ, ସେଲେଡି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବିନିକା ବ୍ଲକ କୋଲନି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନାଚ ଗୀତ କାର୍ଯ୍ୟକ୍ରମ ଓ ରଘୁନାଥ କରମା ଦଳ, କରୁଣା ଦାସ କାଠିଆ ପ୍ରଦର୍ଶନ ଦେଖଣାହାରୀ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ସେହିପରି କଣ୍ଠ ଶିଳ୍ପୀ ଅଶୋକ ବିଶି, ଶାନ୍ତନୁ ସୁନା, ଅଲିସା ମିଶ୍ର, ଅଙ୍କିତା ପୂଜାରୀ, ମସ୍ତରାମ ସୁନା, ପୂର୍ଣ୍ଣଚନ୍ଦ୍ର ଦୀପ, ଲବ ଦୀପ, କୁଶ ଦୀପ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ସେବା କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟ ଜାରି ରହିଥିବା ଦିପାନ୍ୱିତା ମାହାଣାଙ୍କୁ ପାପକ୍ଷୟ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ସେହିପରି ବିଭିନ୍ନ କ୍ଷେତ୍ରରେ ୭ଜଣ ସ୍?ଛୋସେବୀଙ୍କୁ ଏବଂ ମଞ୍ଚରେ କଳା ପ୍ରଦର୍ଶନ କରିଥିବା ଅନୁଷ୍ଠାନଙ୍କ ସମ୍ମାନିତ କରାଯାଇଥିଲା ।



## କମସରା ମଣ୍ଡଳ ତରଫରୁ ସମର୍ପଣ ଦିବସ

**ତରଭା, ୧୨ ।୨(ସମିସ):** ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥିରେ ତରଭା ବ୍ଲକ କମସରା ମଣ୍ଡଳ ତରଫରୁ ସମର୍ପଣ ଦିବସ ବୁଧବାର ଦୁବୁଲା ଗ୍ରାମରେ ପାଳନ କରାଯାଇଛି । କମସରା ମଣ୍ଡଳ ସଭାପତି ଅଶ୍ୱିନୀ ମହାକୁଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ରାଜକିଶୋର ମେଣ୍ଡଲି ମୁଖ୍ୟଅତିଥିଭାବେ ଯୋଗଦେଇ ଦିନଦୟାଲ ଉପାଧ୍ୟାୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ସାଂସଦ ପ୍ରତିନିଧି ନରେଶ ଷାଣ୍ଢ, ପୂର୍ବତନ ଜିଲ୍ଲା ସଭାପତି ସୁରେଶ ମହଲା, ପୂର୍ବତନ ମଣ୍ଡଳ ସଭାପତି ମୁଚୁରାମ ମେଣ୍ଡଲି, କୃପାସିନ୍ଧୁ ମିଶ୍ର, ଦିଲ୍ଲୀପ ପୁଝାରୀ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରକାଶ ରଣା, କ୍ଷମାନିଧି ରଣା, ତୃତୀୟା ଦାସଙ୍କ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ଶ୍ରୀ ମହଲା ଧନ୍ୟବାଦ ଦେଇଥିଲେ ।

## ବୀରସୁରେନ୍ଦ୍ର ସାଏ ଚକ୍ଷୁ ପରୀକ୍ଷା ଶିବିର

**ସୁବଳୟା, ୧୨ ।୨(ସମିସ):** ବିରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ସରକାରୀ ରଘୁନାଥ ଉଚ୍ଚବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଚକ୍ଷୁ ପରୀକ୍ଷା ଶିବିରରେ ଚାରୋଟି କ୍ଲଷ୍ଟରର ତଥା କରାପାଳ, କେନଝରିଆପାଲି, ମୁର୍ଷୁଣ୍ଡୀ ଓ ବୁଠିପଦରରୁ ଚକ୍ଷୁ ପରୀକ୍ଷା ପାଇଁ ସମୁଦାୟ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଚକ୍ଷୁ ପରୀକ୍ଷା ପାଇଁ ଆସିଥିଲେ । ଏଥିରେ ମହାନଦୀ ନେତ୍ର ଚିକିତ୍ସାଳୟର ଚକ୍ଷୁ ଚିକିତ୍ସକ ଆସି ଚକ୍ଷୁପରୀକ୍ଷା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ଦିଲୀପ କୁମାର ପଧାନ ଓ ସଙ୍ଗୀତା ମହାପାତ୍ର ପରିଚାଳନା କରିଥିବା ବେଳେ କେନଝରିଆପାଲି ସିଆରସିସି ବିନୟ ବିଶ୍ୱାଳ, ମୁର୍ଷୁଣ୍ଡୀ ସିଆର ସି ସି ପ୍ରମୋଦ ବିଶ୍ୱାଳ, ସୂର୍ଯ୍ୟନାରାୟଣ ସାହୁ, ନେପାଳ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

୧୭ରୁ ସର୍ବଭାରତୀୟ ଫୁଟବଲ ଚାମ୍ପିଅନସିପ୍

## ଗାନ୍ଧୀ ଷ୍ଟାଡିୟମରେ ଫୁଟବଲ୍ ମହାକୁମ୍ଭ




**ସୋନପୁର, ୧୨ ।୨(ସମିସ):** ଆସନ୍ତା ୧୭ ତାରିଖରୁ ୨୩ ତାରିଖ ଯାଏଁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଫୁଟବଲ ମହାକୁମ୍ଭ ଆୟୋଜିତ ହେବ । ସୋନପୁର ରାମଧୂନ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ୧୬ତମ ସର୍ବ ଭାରତୀୟ ରାମଧୂନ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଏବଂ ଦେଶର ୮ଟି ବଛା ବଛା ଦଳ ଯୋଗଦେବେ । ଏନେଇ ବୁଧବାର ଗାନ୍ଧୀ ଷ୍ଟାଡିୟମ କାର୍ଯ୍ୟାଳୟରେ ରାମଧୂନ କ୍ଲବର ସମ୍ପାଦକ ପୀୟୂଷ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଆହୁରି ଆକାର୍ଷଣୀୟ କରାଯିବ ବୋଲି ସୂଚନା ଦିଆଯାଇଛି । ଫେବୃଆରୀ ମାସର ୧୭ରୁ ୨୩ ତାରିଖ ମଧ୍ୟରେ ଗାନ୍ଧୀ ଷ୍ଟାଡ଼ିୟମରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ସର୍ବମୋଟ ୧୨ ଲକ୍ଷ ଟଙ୍କା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଖର୍ଚ୍ଚ ହେବ । କଟକ, ବରଗଡ଼, ଭୁବନେଶ୍ୱର, ବିହାର, ଝାଡଖଣ୍ଡ, ରାଉରକେଲା ଏବଂ ଆୟୋଜକ ରାମଧୂନ କ୍ଲବ ସମେତ ୮ଟି ଦଳ ଅଂଶଗ୍ରହଣ କରିବେ । ବିଜେତା ଦଳକୁ ୫୦ ହଜାର ଏବଂ ରନର୍ସ ଅପ ଦଳକୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବ । ବିକାଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଇରୁ ସ୍ୱାଇଁ, ପୁରୁଷୋତ୍ତମ ପାଣିଗ୍ରାହୀ, ନରସିଂହ ରାଓ, ଭୁକୁଲୁ ବକ୍ସି, ବି.ସତ୍ୟନାରାୟଣ ପାତ୍ର, ନନ୍ଦ କିଶୋର ତ୍ରିପାଠୀ, ସୋମନାଥ ସାହୁ, ମନୋରଞ୍ଜନ ତ୍ରିପାଠୀ, ରାଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ବାଳକ ହାଇସ୍କୁଲର ବର୍ଷିକୋତ୍ସବ

## 'ଜୀବନରେ ଯାହା ବି କର ଭଲ ମଣିଷଟିଏ ହୁଅ'

**ତରଭା, ୧୨ ।୨(ସମିସ):** ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ତରଭାର ବର୍ଷିକୋତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରଜ୍ କୁମାର ସେଠୀଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଚିନ୍ମୟୀ କୁମାରୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତଗାନ ପରେ ପ୍ରଧାନ ଶିକ୍ଷକ ବିବରଣୀ ପଠନ କରିଥିଲେ । ଏଥିରେ ଜୁନ ୨୦୨୪ରୁ ଖାଲି ପଡ଼ିଥିବା ପ୍ରଧାନଶିକ୍ଷକ ପଦବୀ ପୂରଣ ସହ ଜଣେ କଳା ଶିକ୍ଷକ ଓ ଦୁଇଟି ପିଅନ ପଦବୀ ପୂରଣ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଖାଲି ପଡ଼ିଥିବା ଦୁଇଟି ଶିକ୍ଷକ ପଦ ପୂରଣ ପାଇଁ ଦାବି ଉପସ୍ଥାପନ କରିଥିଲେ । ମୁଖ୍ୟବକ୍ତା ଭାବରେ ତରଭା ଏଇଏସ୍ କଲେଜର ଅବସରପ୍ରାପ୍ତ ଅଧକ୍ଷା ମୀନତି ମିଶ୍ର ଯୋଗଦାନ କରି ପିଲାମାନଙ୍କୁ ଜୀବନରେ ଯାହା ବି କର କିନ୍ତୁ ଭଲ ମଣଷଟିଏ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଭାବରେ ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର ଯୋଗଦେଇ ଗଳ୍ପ ମାଧ୍ୟମରେ ଉତ୍ତମ ଛାତ୍ରର ଲକ୍ଷଣ ଗୁଡ଼ିକୁ ବୁଝାଇଥିଲେ । ଏସଏମସି ସଭାପତି ନନ୍ଦିନୀ ରଣା, ମୋ ସ୍କୁଲ ଅଭିଯାନର ସଭାପତି ହରିବନ୍ଧୁ ପାଣିଗ୍ରାହୀ ଓ ବରିଷ୍ଠ ନାଗରିକ ଦେବେନ୍ଦ୍ର ବିଜୟ ସାହୁ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ସୁନ୍ଦର ଭବିଷ୍ୟତ ଗଠନ ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଛାତ୍ର ସୋମେଶ କୁମାର ସାହୁକୁ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବାରୁ ସମ୍ମାନିତ କରାଯାଇଥିଲା । ଚଳତବର୍ଷ ଦଶମ ଶ୍ରେଣୀର ତିନି ଜଣ ଛାତ୍ରଙ୍କୁ ଏସଏ-୧ ରେ ସର୍ବାଧିକ ମାର୍କ ରଖିଥିବାରୁ ବୋର୍ଡ ପରୀକ୍ଷାରେ ମଧ ଭଲ କରିବାକୁ ଉତ୍ସାହ ପ୍ରଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା । ବାର୍ଷିକ ଉତ୍ସବ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅନ୍ୟାନ୍ୟ କର୍ମଚାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ସସତ୍ୟବ୍ରତ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।



ଭବାନୀପାଟଣା କ୍ରିକେଟ ପ୍ରିମିୟର ଲିଗ୍

## ୱାର୍ଡ ନଂ ୪ ଚାମ୍ପିଅନ୍

**ଭବାନୀପାଟଣା, ୧୨।୨ (ସମିସ):** ଭବାନୀପାଟଣା ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ୬ ତାରିଖରୁ ଚାଲିଥିବା ଦ୍ୱିତୀୟ ଭବାନୀପାଟଣା କ୍ରିକେଟ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଭବାନୀପାଟଣା ସହର ୱାର୍ଡ ନଂ ୪ ଓ ୱାର୍ଡ ନଂ ୧୮ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୱାର୍ଡ ନଂ ୪ ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ୍ ବିନିମୟରେ ୨୪୭-ରନ୍ ସଂଗ୍ରହ କରିଥିଲା । ଜବାବରେ ୱାର୍ଡ ନଂ ୧୮ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୨୩୨ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା । ୱାର୍ଡ ନଂ ୪ ଚାମ୍ପିୟନ ହୋଇଛି । ଉଦ୍‌ଯାପନୀ ସମାରୋହରେ ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ, ଜିଲ୍ଲା ବଣିକ ସଂଘର ସାଧାରଣ ସମ୍ପାଦକ ନିରୋଜ ପଟ୍ଟନାୟକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ଜିଲ୍ଲା ଉପ ସଭାପତି ଧନୁର୍ଦ୍ଧର ଗହୀର, ଇନ୍ଦ୍ରଜୀତ ମହାକୂଡ, ସ୍ଥାନୀୟ କାଉନସିଲର ସଚିନ ନାଏକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ ।

ମା'ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିରେ ଟାଙ୍ଗରସାହି ଦଳ

**ସୁବଳୟା, ୧୨ ।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପାଲି ଖେଳ ପଡ଼ିଆରେ ମାଁ ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୁଧବାର ତୃତୀୟ ଦିବସର ବଡଖମାର ଓ ମାଣିକପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମାଣିକପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ଉଇକେଟ ହରାଇ ୭୨ରନ କରିଥିଲା । ଜବାବରେ ବଡଖମାର ଦଳ ୩ ଉଇକେଟ ହରାଇ ୭୭ରନ କରି ବିଜୟୀ ହୋଇଥିଲା ଦ୍ୱିତୀୟ ମ୍ୟାଚ୍ ଟାଙ୍ଗରସାହି ଓ ସାହଜଲଥା ମଧ୍ୟରେ ହୋଇଥିଲା । ଏଥିରେ ସାହଜଲଥା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭର ୭ଉଇକେଟ ହରାଇ ରେ୭୪ରନ କରିଥିଲା । ଜବାବରେ ଟାଙ୍ଗରସାହି ଦଳ ୫, ୨ବଲରେରେ ୩ଉଇକେଟ ହରାଇ ୭୫ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ତୃତୀୟ ମ୍ୟାଚ୍ ପ୍ରଥମ ଦଳର ବିଜୟୀ ବଡଖମାର ଓ ଦ୍ୱିତୀୟ ବିଜୟୀ ଦଳ ଟାଙ୍ଗରସାହି ମଧ୍ୟରେ ହୋଇଥିଲା । ଏଥିରେ ଟାଙ୍ଗରସାହି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରେ ୬ଉଇକେଟ ହରାଇ ୧୧୫ରନ କରିଥିଲା । ଜବାବରେ ବଡଖମାର ଦଳ ନିର୍ଦ୍ଧାରିତ ୮ଓଭରରେ ୬ଉଇକେଟ ହରାଇ ୩୩ରନ କରି ପରାସ୍ତ ହୋଇଥିଲା । ବଡଖମାର ଦଳକୁ ହରାଇ ଟାଙ୍ଗରସାହି ସେମିଫାଇନାଲକୁ ପ୍ରବେଶ କରିଛି । ପୁରସ୍କାର ବିତରଣୀ ଉତ୍ସବରେ ସ୍ୱେଚ୍ଛାସେବୀ ରିଙ୍କୁ ପଧାନ ଅତିଥି ଭାବରେ ଯୋଗଦେଇ ଟାଙ୍ଗରସାହି ଦଳର ଦୀପକ ମେହେରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍‌ରେ ପୁରସ୍କୃତ କରିଥିଲେ । କମିଟିର ଶିବୁଲ ପଧାନ ଧନମାଳୀ ହୋତା ଓ ଲଳିତ ପଧାନ ଖେଳ ପରିଚାଳନା କରିଥିଲେ । ଉମାଶଙ୍କର ହୋତା, ଗୌରାଙ୍ଗ ସାମଲ, ସୁନୀଲ ପଧାନ, ବିଭୁତି ପଧାନ, ବୁଲୁ ପଧାନ, ରିଳନ ସାମଲ, ପିଣ୍ଟୁପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ସ୍କୋରର ରୋହିତ ମାଳି, ଓ ଶିବୁଲ ପଧାନ ଧାରାବିରଣୀ ପ୍ରଦାନ କରିଥିଲେ ।

ଶିଳ୍ପବିହୀନ ଜିଲ୍ଲାର ଏକମାତ୍ର ଶିଳ୍ପରେ ତାଲା

## ଦାଦନ ଶ୍ରମିକଙ୍କ ସ୍ଥିତି ଚିନ୍ତାଜନକ

**ସୋନପୁର ୧୨।୨(ସମିସ)**

ସୁବର୍ଣ୍ଣପୁର ଜିଲ୍ଲାରେ ଦାଦନ ଦୁଃଖ ଥମିବାର ନା ନେଉନି । ଏବେ ବି ରାଜ୍ୟ ବାହାରେ ଜିଲ୍ଲାର ୬ ହଜାରରୁ ଅଧିକ ଯୁବକଯୁବତୀ ଦାଦନ ଖଟୁଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଅତି ଦୟନୀୟ ସ୍ଥିତିରେ ଜୀବନ ଅତି ବାହିତ କରୁଛନ୍ତି । କେଉଁଠି ନିର୍ଯାତନା ସହିବାକୁ ପଡୁଛି ତ କେଉଁଠି ଗାଁକୁ ଭେଣ୍ଡିଆ ପୁଅର ଶବ ଫେରୁଛି । ଜିଲ୍ଲାର ଯୁବକ ଯୁବତୀ ମାନେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଆଦି ରାଜ୍ୟରେ ଦାଦନ ଖଟୁଥିବା ବେଳେ ଜିଲ୍ଲାର ଏକମାତ୍ର ଶିଳ୍ପ କାରଖାନା ସୋନପୁର ସୂତାକଳରେ ତାଲା ଝୁଲୁଛି । ଏହି ସୂତାକଳ ପୁନଃ କାର୍ଯ୍ୟକ୍ଷମ ହେଲେ ଦାଦନ ସମସ୍ୟା କିଛି ମାତ୍ରାରେ ପ୍ରତିହତ ହୋଇ ପାରନ୍ତା । ସୋନପୁର ସୂତାକଳ ଚାଲୁଥିବା ବେଳେ ସିଧାସଳଖ ଏଠାରେ ୧୫୦୦ ଜଣ ଶ୍ରମିକ ନିଯୁକ୍ତି ପାଇଥିବା ବେଳେ ପରୋକ୍ଷରେ ୫-୬ ହଜାର ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇ ଥିଲା । ବୟନ ଶିଳ୍ପର ପ୍ରୋତ୍ସାହନ ଏବଂ ବେକାର ଯୁବକ ଯୁବତୀଙ୍କୁ ରୋଜଗାର ଯୋଗାଇବା ଆଶା ନେଇ ଜିଲ୍ଲାରେ ଏକମାତ୍ର ଶିଳ୍ପ କାରଖାନା ସୋନପୁର ସୂତାକଳ ପ୍ରତିଷ୍ଠା ହୋଇଥିଲା । ହଜାର ହଜାର ପରିବାରକୁ ଅନ୍ନ ଯୋଗାଉ ଥିବା ସୂତାକଳ ଏବେ କେବଳ ମୂକସାକ୍ଷୀ ଭାବେ ଛିଡା ହୋଇଛି । ବହୁ ଦିନ ହେଲା କାରଖାନା ବନ୍ଦ ହୋଇ ଯାଇଥିବାରୁ କାମ କରିବା ପାଇଁ ପର୍ଯ୍ୟାପ୍ତ ଏବଂ ଉନ୍ନତ ଧରଣର ଆଉ ଯନ୍ତ୍ରପାତି ମଧ୍ୟ ନାହିଁ । ୧୯୮୪ରେ ସୋନପୁର ସୂତାକଳରୁ ସୂତା ଉତ୍ପାଦନ ଆରମ୍ଭ ହୋଇଥିଲା । ତିନୋଟି ସିଫ୍ଟରେ ଶ୍ରମିକମାନେ କାମ କରୁଥିଲେ । ଦୈନିକ ୬ ହଜାର କେଜି ସୂତା ଉତ୍ପାଦନ ହେଉଥିଲା । ତେବେ ପରିଚାଳନା ଗତ ତ୍ରୁଟି ଏବଂ ସୂତାକଳ ପ୍ରତି ସରକାରଙ୍କ ଉଦାସିନତା ଯୋଗୁଁ ୨୦୦୧ ମସିହାରେ ସୋନପୁର ଜିଲ୍ଲାର ଏକମାତ୍ର କାରଖାନା ସୋନପୁର ସୂତାକଳ ବନ୍ଦ ହୋଇଗଲା । ସୂତାକଳ ବନ୍ଦ ହୋଇଯିବା ପରେ ଜିଲ୍ଲାର ଶ୍ରମିକ, କର୍ମଚାରୀ, ବ୍ୟବସାୟୀ ଏବଂ କପାଚାଷୀ ମାନେ ଭାଙ୍ଗି ପଡ଼ିଥିଲେ । ବହୁ ଶ୍ରମିକ ଘର ଦ୍ୱାର ଛାଡି ରାଜ୍ୟ ବାହାରକୁ ଚାଲି ଯାଇଥିଲେ । ସୂତାକଳ ବନ୍ଦ ହେବାର ଅର୍ଥନୈତିକ ପ୍ରଭାବ ସୁବର୍ଣ୍ଣପୁର ଜିଲ୍ଲା ଉପରେ ପୂର୍ଣ୍ଣ ମାତ୍ରାରେ ଅନୁଭୂତ ହେଉଛି ।



**ରାଜ୍ୟ ବାହାରେ ଜିଲ୍ଲାର ୬ ହଜାର ଲୋକ**

